
ଆଇସିଏସ୍ଏଫ୍ ସହାୟକ ପୁସ୍ତିକା



# ମତ୍ସ୍ୟଧରା କ୍ଷେତ୍ର କାର୍ଯ୍ୟ ବିଷୟକ ଅଧିବେଶନ ୨୦୦୭


ଇଣ୍ଟର ନ୍ୟାସଲନାଲ କଲେକ୍ଟିଭ ଇନ୍
ସପୋର୍ଟ ଅଫ୍ ଫିସ୍ ୱାର୍କର୍ସ
www.icsf.net

ଆଇସିଏସଏଫ୍ ସହାୟକ ପୁସ୍ତିକା :
ମତ୍ସ୍ୟଧରା କ୍ଷେତ୍ରରେ କାର୍ଯ୍ୟ ବିଷୟକ
ଅଧିବେଶନ-୨୦୦୭ ବିଷୟରେ ଜାଣିବା ନିମନ୍ତେ

**ପ୍ରକାଶକ**
ଇଂଟର ନ୍ୟାସନାଲ କଲେକ୍ଟିଭ ଇନ୍ ସପୋର୍ଟ ଅଫ୍ ଫିସ୍ ୱାର୍କର୍ସ
୨୭- ଚେନ୍ନାଇ ୬୦୦୦୬, ଇଣ୍ଡିଆ
ଫୋନ୍- (୯୧) ୪୪-୨୮୨୭ ୫୩୦୩
ଫାକ୍ସ- (୯୧) ୪୪-୨୮୨୫ ୪୪୫୭
ଇମେଲ୍- icsf@icsf.net

**ଇଂରାଜୀରୁ ଓଡିଆ ଅନୁବାଦ**
ଆଶିଷ ସେନାପତି (senapatiashis@rediffmail.com)

**ଚିତ୍ରାଙ୍କନ**
ସନ୍ଦେଶ (sandeshcartoonist@gmail.com)

ଆଇଏସ୍‌ବିଏନ୍ ISBN978-93-80802-15-2
କପି ରାଇଟ- ଆଇସିଏସ୍‌ଏଫ୍ ୨୦୧୩

## ମତ୍ସ୍ୟଧରା କ୍ଷେତ୍ରର କାର୍ଯ୍ୟ ବିଷୟକ ଅଧିବେଶନ, ୨୦୦୭ କ'ଣ ?

ଏହି ସହାୟକ ପୁସ୍ତିକାଟି ମାଧ୍ୟମରେ ମତ୍ସ୍ୟକ୍ଷେତ୍ରର କାର୍ଯ୍ୟ ବିଷୟକ ଅଧିବେଶନ, ୨୦୦୭ର କାର୍ଯ୍ୟ ବିଷୟରେ ତ୍ୱରିତ ଦୃଷ୍ଟି ପକାଇ ନେବା ନିମନ୍ତେ ପ୍ରୟାସ କରାଯାଇଛି। ସୁଇଜରଲାଣ୍ଡର ଜେନେଭା ଠାରେ ଜୁନ୍- ୨୦୦୭ରେ ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ ପକ୍ଷରୁ ଏହି ୯୬ତମ ଅନ୍ତରାଷ୍ଟ୍ରୀୟ ଶ୍ରମ ସମ୍ମିଳନୀରେ ଗୃହୀତ ହୋଇଥିଲା। ଏଥିରେ ଯାହା ଗୃହୀତ ହୋଇଥିଲା ସେ ସବୁକୁ କୌଣସି ଭାବେ ଭୁଲ୍‌ଭାଲ ଅଥବା କୌଣସି ଭିନ୍ନ ଭାବେ ଉପସ୍ଥାପିତ କରାଯିବା ଉଦ୍ଦେଶ୍ୟ ନୁହେଁ। କେବଳ ଏହି ଗୃହୀତ ବିଷୟ ବସ୍ତୁକୁ ଜାଣିନଥିବା ବ୍ୟକ୍ତିଙ୍କ ପାଇଁ ଏ ସମ୍ପର୍କରେ ଜଣାଇବା ସହ ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ ଓ ଅନ୍ତରାଷ୍ଟ୍ରୀୟ ଶ୍ରମ ସମ୍ମିଳନୀ ଦ୍ୱାରା ଏବେକାର ସମସ୍ୟା ଗୁଡ଼ିକ ନେଇ କିଭଳି କାର୍ଯ୍ୟ କରୁଅଛି ତାହା ଅବଗତ କରାଇବା ହିଁ ଏହି ପୁସ୍ତିକାଟିର ଉଦ୍ଦେଶ୍ୟ। ତେବେ ନିର୍ଦ୍ଦିଷ୍ଟ ଭାବେ ଆଶା କରାଯାଏ କି ଏହି ପୁସ୍ତିକାଟି ଦ୍ୱାରା ମତ୍ସ୍ୟକର୍ମୀ ଏବଂ ମତ୍ସ୍ୟ ଧରା ସଂଗଠନ ଗୁଡ଼ିକ କିଛି ସୁବିଧା ହାସଲ କରିବାର ସମ୍ଭାବନା ସୃଷ୍ଟି କରିବା ସହ ଅଧିବେଶନରେ ସ୍ୱିକୃତ ବିଷୟକୁ ଉଦ୍ୟୋଗର ବୃତିରତ ମତ୍ସ୍ୟକର୍ମୀ ଏବଂ କ୍ଷୁଦ୍ର ମତ୍ସ୍ୟ ସଂସ୍ଥା ଗୁଡ଼ିକ ପାଇଁ କାର୍ଯ୍ୟକାରୀ କରାଇ ରାଷ୍ଟ୍ରର ବିକାଶ ସାଧନ କରାଇବା ହେବେ।



# ବିଷୟ ସୂଚୀ


**୧. ଉପକ୍ରମିକା ।**

- ମତ୍ସ୍ୟଧରା କ୍ଷେତ୍ରର କାର୍ଯ୍ୟ ବିଷୟକ ଅଧିବେଶନ ୨୦୦୭ କ'ଣ ? ପୃ- ୭

**୨. ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ । (ଆଇ.ଏଲ୍.ଓ)**

- ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ କ'ଣ ?.......................................ପୃ-୧୧
- ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ କ'ଣ କାର୍ଯ୍ୟ କରେ ?.........................ପୃ-୧୨
- ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନର ସାଂଗଠନିକ ଢାଂଚା କିପରି ହୋଇଛି ?......ପୃ-୧୩
- ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନର ତ୍ରିପାକ୍ଷିକ ଢାଂଚା କ'ଣ ?.....................ପୃ- ୧୪
- ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନର କେଉଁ ସାଧନା ସବୁ ଅଛି ଯାହା ଶ୍ରମ ସ୍ଥିତିକୁ ସୁଧାର କରାଇପାରିବ । ...........................................ପୃ- ୧୫
- ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ କିପରି ବୁଝାମଣା ଅଥବା ସୁପାରିଶ ଗୁଡ଼ିକ ଲାଗୁ କରିଥାଏ ?.........................................................ପୃ- ୧୫

**୩. ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ ଏବଂ ମତ୍ସ୍ୟକ୍ଷେତ୍ର ।**

- ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ କେଉଁ ଭାବେ ମତ୍ସ୍ୟକ୍ଷେତ୍ର ସହ ସମ୍ପୃକ୍ତ ?...... ପୃ-୧୯
- ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ ମତ୍ସ୍ୟ ଧରାକ୍ଷେତ୍ରରେ ନୂଆ ଶ୍ରମମାନର ବିକାଶ ପାଇଁ କଣ ସବୁ କରିଛି ? ...........................................ପୃ-୨୧

**୪. ମତ୍ସ୍ୟଧରାକ୍ଷେତ୍ର କାର୍ଯ୍ୟ ବିଷୟକ ଅଧିବେଶନ ୨୦୦୭ ।**

- ମତ୍ସ୍ୟଧରାକ୍ଷେତ୍ର କାର୍ଯ୍ୟ ବିଷୟକ ଅଧିବେଶନ-୨୦୦୭ର ବିଶେଷତ୍ୱ କ'ଣ ? ....................................................ପୃ- ୨୫
- ମତ୍ସ୍ୟଧରାକ୍ଷେତ୍ର କାର୍ଯ୍ୟ ବିଷୟକ ଅଧିବେଶନ-୨୦୦୭ ଅନ୍ତର୍ଗତ ମୁଖ୍ୟ ଆବଶ୍ୟକତା କ'ଣ ?...............................................ପୃ- ୨୬
- ଏହି ଅଧିବେଶନ କେଉଁ ପ୍ରମୁଖ ସୁପାରିଶ ଗୁଡ଼ିକ ଲକ୍ଷ୍ୟ ହାସଲ ପାଇଁ ଆବଶ୍ୟକ ହୋଇଛି ।................................................... ପୃ-୨୯
- ମତ୍ସ୍ୟଧରାକ୍ଷେତ୍ର କାର୍ଯ୍ୟ ବିଷୟକ ଅଧିବେଶନ-୨୦୦୭ର ଢାଂଚା କ'ଣ ?..ପୃ- ୩୦
- ପ୍ରଗତିଶୀଳ ଭାବରେ କାର୍ଯ୍ୟକାରୀ କରାଯିବା ଉପାୟ ସବୁ କ'ଣ ?....... ପୃ- ୩୧

**୫. କୌଳିକ ବୃତିଧାରୀ ଏବଂ କ୍ଷୁଦ୍ର ମତ୍ସ୍ୟଧରା କ୍ଷେତ୍ର ।**

- କ୍ଷୁଦ୍ର ମତ୍ସ୍ୟଧରା କ୍ଷେତ୍ରରେ ମଧ୍ୟ ଶ୍ରମର ମାନ ଉପରେ ଆଲୋଚନା ଗୁରୁତ୍ୱପୂର୍ଣ୍ଣ କାହିଁକି ?................................................... ପୃ- ୩୫

# ଉପକ୍ରମିକା


ମତ୍ସ୍ୟଧରା ନୌଯାତ୍ରୀ
ସ୍ୱାଗତମ୍
ସାମାଜିକ ସୁରକ୍ଷା
ଚିକିତ୍ସା ସେବା
ପେଶାଗତ ସୁରକ୍ଷା
ଖାଦ୍ୟ ଏବଂ ପାନୀୟ
ନିଯୁକ୍ତି
ସେବାର ସର୍ତ୍ତ
ଅନୁପାଳନ ଏବଂ କ୍ରିୟାନ୍ୱୟନ

# ପରିଚୟ

## ମତ୍ସ୍ୟଧରା କ୍ଷେତ୍ରର କାର୍ଯ୍ୟ ବିଷୟକ ଅଧିବେଶନ, ୨୦୦୭ କ'ଣ ?

ଆନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନର ଅନ୍ତରାଷ୍ଟ୍ରୀୟ ଶ୍ରମ ସମ୍ମିଳନୀରେ ମତ୍ସ୍ୟଧରା କ୍ଷେତ୍ରର କାର୍ଯ୍ୟ ବିଷୟକ ସମ୍ମିଳନୀ-୨୦୦୭ରେ ସରକାର, ନିୟୋଜିତ ଶ୍ରମିକ ଏବଂ ନିୟୋଜନକାରୀ ସଂସ୍ଥାର ପ୍ରତିନିଧିମାନେ ଅଂଶଗ୍ରହଣ କରି ମତ୍ସ୍ୟଧରା କ୍ଷେତ୍ର ପାଇଁ ଏକ ନୂତନ ମାନକ ନିର୍ଦ୍ଧାରଣ କରିଥାନ୍ତି ।

ଉକ୍ତ ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି ଯେ, ମାଛମରା ଡଙ୍ଗିରେ ନିର୍ଭର କରୁଥିବା ମତ୍ସ୍ୟଜୀବି ମାନଙ୍କର କାର୍ଯ୍ୟପନ୍ଥା, ମତ୍ସ୍ୟଜୀବୀମାନଙ୍କ ସର୍ବନିମ୍ନ ଆବଶ୍ୟକତା, ସେମାନଙ୍କ ରହଣୀ ଗୃହ, ଖାଦ୍ୟପେୟ ତଥା ବୃତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ରକ୍ଷା, ଚିକିତ୍ସା ଏବଂ ସାମାଜିକ ନିରାପତା ଆଦି ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ଷେତ୍ରରେ ଉତମ ବାତାବରଣ ସୃଷ୍ଟି କରିବା ଓ ଏଥିସହ ନୂଆ ନୂଆ ସମସ୍ୟାଗୁଡିକ ଯଥା- ପ୍ରତ୍ୟାବର୍ତନ, ନିୟୋଜନ ବ୍ୟବସ୍ଥା, ସମୁଦ୍ର ଭିତରେ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା, ବୃତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ରକ୍ଷା ଏବଂ ସାମାଜିକ ନିରାପତାର ସୁରକ୍ଷା, ଅନୁପାଳନ ଏବଂ ପ୍ରବର୍ତନ ଆଦି ବିଷୟରେ ପୂର୍ବରୁ ଆଲୋଚନା ହୋଇ ନଥିବା ପ୍ରସଙ୍ଗରେ ସୁପାରିଶ କରାଯାଇଛି ।

ଏହି ଅଧିବେଶନରେ ମୁଖ୍ୟତଃ ରାଜ୍ୟ ଗୁଡିକର ପତାକା ବିଷୟକୁ ମୂଳ ଉଦ୍ଦେଶ୍ୟ କରାଯାଇଛି ଯାହା ବିଭିନ୍ନ ରାଷ୍ଟ୍ର ସେମାନଙ୍କ ମାଛମରା ଡଙ୍ଗିଗୁଡିକୁ ତାଲିକା ଭୁକ୍ତ କରି ତାଙ୍କ ଅଧିକାର ସାବ୍ୟସ୍ତ କରିଥାନ୍ତି । କିନ୍ତୁ କୌଣସି ସ୍ଥାନରେ ମାଛମାରିବାକୁ ନିର୍ଦ୍ଦିଷ୍ଟ କ୍ଷେତ୍ର ଦର୍ଶାଯାଇନଥାଏ । ବନ୍ଦରାଂଚଳ ରାଜ୍ୟଗୁଡିକରେ ନିୟନ୍ତ୍ରଣ ବ୍ୟବସ୍ଥା ବିଷୟରେ ଉକ୍ତ ଅଧିବେଶନ କେତେକ ନିୟମ ଗୃହୀତ କରିଛି, ବନ୍ଦର ରାଜ୍ୟ ଗୁଡିକ ଯେଉଁଗୁଡିକ ରାଷ୍ଟ୍ରୀୟ ଉର୍ଦ୍ଧ୍ୱରେ ମାଛମାରିବାକୁ ମାଛମରା ଡଙ୍ଗି ଗୁଡିକ ପାଇଁ ସେମାନଙ୍କ ନିର୍ଦ୍ଦିଷ୍ଟ ନିୟନ୍ତ୍ରଣ ଧାର୍ଯ୍ୟ କରିଛନ୍ତି ସେ ସବୁ ଡଙ୍ଗି ଗୁଡିକ ବିଷୟରେ ସେମାନଙ୍କ ମାଛଧରା ବନ୍ଦର ଗୁଡିକରେ ବିବରଣୀ ଦିଆଯାଇଥାଏ ।

# ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ
# (ଆଇ ଏଲ୍ ଓ)


ଶ୍ରମିକ
ନିୟୋଜନକାରୀ
ଆଇଏଲ୍‌ସି
ସରକାର

# ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ କ'ଣ ?

ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ ସଂଯୁକ୍ତ ରାଷ୍ଟ୍ର ସମୂହର ଏକ ସ୍ୱତନ୍ତ୍ର ସଂସ୍ଥା ଯେ କି ନିୟୋଜିତ କାର୍ଯ୍ୟକ୍ଷେତ୍ରରେ ପରିସ୍ଥିତି, ସମାନ ସୁଯୋଗ, ସମାଜିକ ନିରାପତା, ବାଧତାମୂଳକ ଖଟାଇବା, ସଂଗଠନ ପାଇଁ ସ୍ୱତନ୍ତତା ଏବଂ ସର୍ବନିମ୍ନ ବୟସକୁ ନିଷିଦ୍ଧ ଆଦି ଅନେକ ବିଷୟରେ ଅନ୍ତରାଷ୍ଟ୍ରୀୟ ଶ୍ରମ ଅଧିକାର ମାନଗୁଡିକୁ ବିକାଶ କରାଇଥାଏ ।

ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ ୧୯୧୯ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧ ସମାପ୍ତି ପରେ ଗଠନ ହୋଇଥିଲା, ଯାହାକି କେବଳ ଶ୍ରମଜୀବୀ ମାନଙ୍କ ପ୍ରତି ଉତମ ପ୍ରଯତ୍ନ ଜରିଆରେ ହିଁ ବିଶ୍ୱସ୍ତରରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରାଇବା ଦୃଷ୍ଟିକୋଣ ନେଇଥିଲା । ଆନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ ୧୯୪୬ରେ ସଂଯୁକ୍ତ ରାଷ୍ଟ୍ରସଂଘ ଦ୍ୱାରା ପ୍ରଥମ କରି ସ୍ୱତନ୍ତ୍ର ସଂସ୍ଥାର ମାନ୍ୟତା ପାଇଲା ଏବଂ ଏହା ବିଭିନ୍ନ ରାଷ୍ଟ୍ର ସମୂହ ମାନଙ୍କ ମଧ୍ୟରେ ବହୁବିଧ ବିଶେଷ ସାଂଗଠନିକ କାର୍ଯ୍ୟ ନିପୁଣତା ଦେଖାଇ ଆସୁଥିବା ଏକମାତ୍ର ବିଶ୍ୱସ୍ତ ସଂସ୍ଥା ଭାବେ ୧୯୬୯ରେ ଏହାର ୫୦ତମ ବାର୍ଷିକ ପ୍ରତିଷ୍ଠା ଦିବସରେ "ନୋବେଲ ଶାନ୍ତି" ପୁରସ୍କାରରେ ସମ୍ମାନିତ ହେଲା ।

ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ ହିଁ ପୁରୁଷ ଓ ମହିଳା କର୍ମଜୀବୀ ମାନଙ୍କର ଉନ୍ନତି ଏବଂ ସ୍ୱାଧୀନ ଓ ସମାନ ଭାବେ ସୁରକ୍ଷା ସହ ଏବଂ ମାନବିକ ସମ୍ମାନର ସହ କାର୍ଯ୍ୟ କରିବାକୁ ଉତ୍ସର୍ଗୀକୃତ ଥିବା ସହ କାମ କରିବାର ଅଧିକାର ବିଷୟକୁ ମୁଖ୍ୟ ଉଦ୍ଦେଶ୍ୟ କରିଆସିଛି ଏବଂ ଉନ୍ନତ କର୍ମନିୟୋଜନ ସୁଯୋଗ ସହ ସାମାଜିକ ସୁରକ୍ଷା ଏବଂ କର୍ମ ନିୟୋଜନ ସମ୍ପର୍କିତ ଆଲୋଚନାକୁ ଶକ୍ତିଶାଳୀ କରିବା ଉପରେ ମୁଖ୍ୟ ଆଭିମୁଖ୍ୟ ନେଇ ଆସିଛି ।

ବିକାଶ ପାଇଁ ଶାନ୍ତିପୂର୍ଣ୍ଣ ଶ୍ରମ ନିୟୋଜନ ନିହାତି ଜରୁରୀ ବୋଲି ମୂଳ ଲକ୍ଷ୍ୟ ରଖି ଏ ଉଦ୍ଦେଶ୍ୟରେ ସଂଗଠନ ନିରବଚ୍ଛିନ୍ନ ଉଦ୍ୟମ ଚଳାଇ ଆସୁଛି, ଯଦ୍ୱାରା ସାମାଜିକ ନ୍ୟାୟ ଓ ଅନ୍ତରାଷ୍ଟ୍ରୀୟ ସ୍ତରରେ ସ୍ୱୀକୃତି ପାଇଥିବା ମାନବିକ ଅଧିକାର ଏବଂ ଶ୍ରମ ଅଧିକାର ଗୁଡିକର ବିକାଶ ଘଟିପାରିବ । ଏବେ ଆକର୍ଷଣୀୟ ନିଯୁକ୍ତି ସୃଷ୍ଟି, ଅର୍ଥନୈତିକ ଦିଗଗୁଡିକ ସମେତ କାର୍ଯ୍ୟକ୍ଷେତ୍ରରେ ବିଭିନ୍ନ ପରିସ୍ଥିତି ଗୁଡିକରେ ସାମାଜିକ ସୁରକ୍ଷା ଶ୍ରମ ପରିସଂଖ୍ୟାନ ଓ ବୃତିଗତ କ୍ଷେତ୍ରରେ ନିରାପତା ଓ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ଶ୍ରମଜୀବି ଓ ଉଦ୍ୟୋଗୀଙ୍କ ମଧ୍ୟରେ ସ୍ଥାୟୀ ଶାନ୍ତି, ସମୃଦ୍ଧି ଏବଂ ପ୍ରଗତି ପାଇଁ କାର୍ଯ୍ୟ କରୁଅଛି । ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନରେ ବିଭିନ୍ନ ରାଷ୍ଟ୍ରଗୁଡିକ ସଭ୍ୟଭୁକ୍ତ ଅଟନ୍ତି । ତେବେ ୨୦ ଡିସେମ୍ବର ୨୦୦୭ ସୁଦ୍ଧା ଏହି ସଂଗଠନ (ଆଇଏଲ୍‌ଓ)ରେ ୧୮୧ ଜଣ ସଦସ୍ୟ ଅଛନ୍ତି ।

# ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ କ'ଣ କାର୍ଯ୍ୟ କରେ ?

ଶ୍ରମ ଅଧିକାର ନିୟମକୁ ଗୁରୁତ୍ୱ ଦେଇ ଆନ୍ତର୍ଜାତିକ ସ୍ତରରେ ଶ୍ରମିକ କ୍ଷେତ୍ର ଗୁଡିକରେ ମାନ ନିର୍ଦ୍ଧାରଣ ପାଇଁ ପ୍ରତିନୀଧି ସମ୍ମିଳନୀ ଜରିଆରେ ଏବଂ ସୁପାରିଶ ଗୁଡିକ ଜରିଆରେ ଅନ୍ତତଃ ପକ୍ଷେ, ସଂଗଠିତ ହେବା, ସ୍ୱାଧୀନତା ପାଇବା, ସଂଗଠନ କରିବା, ସମ୍ମିଳିତ ପ୍ରତିବାଦ କରିବା ସମେତ ଦଳପୂର୍ବକ ଖଟାଇବା ବ୍ୟବସ୍ଥାର ବିଲୋପ, ସମାନ ସୁଯୋଗ ଓ ଯତ୍ନ ସହ ଅନ୍ୟ ସବୁ ଏଭଳି ଅବସ୍ଥା ଗୁଡିକରେ ସମୁଦାୟ କ୍ଷେତ୍ରରେ ମାନ ନିର୍ଦ୍ଧାରଣ ପାଇଁ କାର୍ଯ୍ୟ କରିଥାଏ।

ସେହିପରି ଶ୍ରମିକମାନେ କାର୍ଯ୍ୟକ୍ଷେତ୍ରରେ ଉନ୍ନତି ଆଣିବାକୁ ଅନ୍ୟାନ୍ୟ ଉପାୟ ଗୁଡିକ ମଧ୍ୟରୁ ସେମାନେ କେତେ ସମୟ କାର୍ଯ୍ୟ କରିବେ କାର୍ଯ୍ୟକ୍ଷେତ୍ରରେ ଶ୍ରମିକଙ୍କୁ ଅସୁସ୍ଥତା, ରୋଗ, ଆଘାତ ଆଦି ଅନେକ ପରିସ୍ଥିତି ଗୁଡିକରେ ସୁରକ୍ଷା ଦେବା ଏବଂ କର୍ମକ୍ଷେତ୍ରରେ ନିଯୁକ୍ତି ଠାରୁ ଆରମ୍ଭ କରି ଶିଶୁଙ୍କ ସୁରକ୍ଷା, ବୃଦ୍ଧି ଏବଂ ଆହତ ବ୍ୟକ୍ତିଙ୍କ ସ୍ୱାର୍ଥର ସୁରକ୍ଷା, ଅନ୍ୟପାଖରେ ନିଯୋଜିତ ସମୟରେ ସେମାନଙ୍କ ସାମାଜିକ ସୁରକ୍ଷା, ବିଷୟ ଗୁଡିକୁ ଆନ୍ତର୍ଜାତିକ ଶ୍ରମ ସଂଗଠନ ନିହାତି ଗୁରୁତ୍ୱପୂର୍ଣ୍ଣ ମନେ କରି କାର୍ଯ୍ୟ କରିଥାଏ।

ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ ମାଧ୍ୟମରେ ନିମ୍ନ କେତେକ କ୍ଷେତ୍ରରେ ମଧ୍ୟ ବୈଷୟିକ ସହାୟତା ଯୋଗାଇ ଦେଇଥାଏ।

- **ବୃତିଭିତିକ ତାଲିମ ଏବଂ ପୁନର୍ବାସ**
- **ନିଯୁକ୍ତି ନୀତୀ**
- **ଶ୍ରମ ପ୍ରଶାସନ**
- **ଶ୍ରମ ଆଇନ ଏବଂ ଉଦ୍ୟୋଗଗତ ସମ୍ପର୍କ**
- **କାର୍ଯ୍ୟ ସମ୍ପର୍କୀତ ସର୍ତ**
- **ପ୍ରବନ୍ଧନର ବିକାଶ**
- **ସହଯୋଗ ବ୍ୟବସ୍ଥା**
- **ସାମାଜିକ ନିରାପତା**
- **ଶ୍ରମିକ ପରିସଂଖ୍ୟାନ**
- **ପେଶାଗତ ସୁରକ୍ଷା ଓ ସ୍ୱାସ୍ଥ୍ୟ**

ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ ସ୍ୱାଧୀନ ଭାବେ ନିଯୁକ୍ତି ଦାତା ସଂସ୍ଥା ଓ କର୍ମଜୀବୀ ସଂଗଠନର ବିକାଶ ପାଇଁ ପ୍ରୋତ୍ସାହନ ଦେଇ ଆସୁଛି। ଉକ୍ତ ସଂଗଠନ ଗୁଡିକୁ ପ୍ରଶିକ୍ଷଣ ଓ ପରାମର୍ଶ ସେବା ପ୍ରଦାନ କରୁଛି। ସଂଯୁକ୍ତ ରାଷ୍ଟ୍ର ସମୂହ ବ୍ୟବସ୍ଥା ଅନ୍ତର୍ଗତ ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନର ଅନୁପମ ତ୍ରିପକ୍ଷୀୟ ଢାଂଚା ରହିଛି। ଯେଉଁଥିରେ କର୍ମଚାରୀ ଓ ନିଯୋଜନକାରୀ ସମାନ ଭାଗୀଦାରୀରେ ସରକାରଙ୍କ ସହ ପରିଚାଳନା କାର୍ଯ୍ୟ ସମ୍ପାଦନ କରୁଛନ୍ତି।

# ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନର ସାଂଗଠନିକ ଢାଂଚା କିପରି ହୋଇଛି ?

ଅନ୍ତରାଷ୍ଟ୍ରୀୟ ଶ୍ରମ ପ୍ରତିନିଧି ସଭା (ଆଇଏଲ୍‌ସି) ଏକ ପରିଚାଳନା ମଣ୍ଡଳୀ ଏବଂ ଆନ୍ତର୍ଜାତିକ ଶ୍ରମ ସଂଗଠନ କାର୍ଯ୍ୟାଳୟକୁ ନେଇ ଆନ୍ତର୍ଜାତିକ ଶ୍ରମ ସଂଗଠନ କାର୍ଯ୍ୟ କରୁଛି।

ଅନ୍ତରାଷ୍ଟ୍ରୀୟ ଶ୍ରମ ପ୍ରତିନିଧି ସଭା ଅନେକ ସମୟରେ ଆନ୍ତର୍ଜାତିକ ଶ୍ରମ ସମ୍ବନ୍ଧୀୟ ସଂସଦ ଆୟୋଜନ କରିଥାଏ ଏବଂ ପ୍ରତିବର୍ଷ ଜୁନ୍ ମାସରେ ଜେନେଭାରେ ସମ୍ମିଳନୀ ଅନୁଷ୍ଠିତ କରାଇଥାଏ। ଏଥିରେ ପ୍ରତି ରାଷ୍ଟ୍ରରୁ ଦୁଇଜଣ ସରକାରୀ ପ୍ରତିନିଧି, ଜଣେ ନିଯୁକ୍ତକାରୀ ସଂସ୍ଥାର ପ୍ରତିନିଧି ଏବଂ ଜଣେ ଶ୍ରମିକ ପ୍ରତିନିଧି ପ୍ରତି ରାଷ୍ଟ୍ରରୁ ପ୍ରତିନିଧିତ୍ୱ କରିଥାନ୍ତି। ଏହି ସମ୍ମିଳନୀରେ ଅନ୍ତରାଷ୍ଟ୍ରୀୟ ଶ୍ରମର ମାନକ ସଂପର୍କରେ ଆଲୋଚନା କରାଯାଇ ସୁପାରିଶ ଓ ପୁଷ୍ଟି କରାଯାଇଥାଏ। ଏହି ସମ୍ମିଳନୀରେ ରାଷ୍ଟ୍ରୀୟ କ୍ଷେତ୍ରରେ ଏହାର କାର୍ଯ୍ୟକାରିତା ଉପରେ ପର୍ଯ୍ୟାଲୋଚନା କରାଯାଇ ଅନ୍ୟାନ୍ୟ ସୁପାରିଶ ଗୁଡିକୁ ମଧ୍ୟ ସମୀକ୍ଷା କରାଯାଏ। ଏ ସବୁ ବୈଠକ ଗୁଡିକର କାର୍ଯ୍ୟସୂଚୀ ଗୁଡିକୁ ଅନ୍ତରାଷ୍ଟ୍ରୀୟ ଶ୍ରମ ପ୍ରତିନିଧି ସଭାର ପରିଚାଳନା ମଣ୍ଡଳୀ ସ୍ଥିରୀକୃତ କରିଥାଏ।

ଅନ୍ତରାଷ୍ଟ୍ରୀୟ ଶ୍ରମ ସଭା ପରିଚାଳନା କମିଟି ହିଁ ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନର କାର୍ଯ୍ୟକାରୀ ପରିଷଦ ସଦସ୍ୟ ଅଟନ୍ତି ଏବଂ ସମସ୍ତ ଚୂଡାନ୍ତ ନିଷ୍ପତି କରିବାର ଅଙ୍ଗ ଅଟନ୍ତି। ତେବେ ଉକ୍ତ ପରିଚାଳନା କମିଟି ଅନ୍ତରାଷ୍ଟ୍ରୀୟ ସ୍ତରରେ ଶ୍ରମର ମାନ କାର୍ଯ୍ୟକାରୀ କରାଯିବା ବିଷୟରେ ତଦାରଖ କରିଥାନ୍ତି। ଉକ୍ତ ପରିଚାଳନା କମିଟି ବର୍ଷକୁ ୩ ଥର ଜେନେଭାରେ ବୈଠକ କରି ଆନ୍ତର୍ଜାତିକ ଶ୍ରମ ସଂଗଠନର ଉପାୟ ଗୁଡିକ ସମ୍ପର୍କରେ ଆଲୋଚନା କରି ନିଷ୍ପତି ମାନ ନେବା ସହ ଉକ୍ତ କାର୍ଯ୍ୟକ୍ରମ ଗୁଡିକ ସ୍ଥିର କରିବା ସମେତ ଆନ୍ତର୍ଜାତିକ ଶ୍ରମ ପ୍ରତିନିଧି ସମ୍ମିଳନୀ ଦ୍ୱାରା ଗୃହୀତ କାର୍ଯ୍ୟକ୍ରମ ନିମନ୍ତେ ଆର୍ଥିକ ବରାଦ କରିଥାନ୍ତି। ଏହା ମଧ୍ୟ ସାଧାରଣ ନିର୍ଦ୍ଦେଶକ ମାନଙ୍କୁ ଚୟନ କରିଥାନ୍ତି। ଏହି କାର୍ଯ୍ୟକାରୀ କମିଟିରେ ୫୬ଜଣ ସଦସ୍ୟ ବିଶିଷ୍ଟ ହୋଇଥାଏ। ଏମାନଙ୍କ ମଧ୍ୟରୁ ୨୮ ଜଣ ସରକାରଙ୍କ ପ୍ରତିନିଧି ଏବଂ ନିଯୁକ୍ତିକାରୀ ସଂସ୍ଥାର ୧୪ଜଣ ପ୍ରତିନିଧି ଏବଂ ଶ୍ରମିକଙ୍କ ୧୪ଜଣ ପ୍ରତିନିଧି ମାନେ ସଦସ୍ୟ ରହିଥାନ୍ତି। ଶ୍ରମ ସଂଗଠନ ସରକାର ପ୍ରତିନିଧି ମଧ୍ୟରୁ ୧୦ ଜଣଙ୍କୁ ଯିଏ କି ଏବେ ବ୍ରାଜିଲ୍, ଚାଇନ ଏବଂ ଭାରତ ପରି ସମୂହ ବିକାଶୋନ୍ମୋଖୀ ଦେଶ ଭାବେ ସଦସ୍ୟ ଭୁକ୍ତ ହୋଇଥାନ୍ତି। ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ ଏହି ନୀତିଗତି ତ୍ରିପକ୍ଷୀୟ ଢାଂଚା ସମାନୁପାତିକ ଭାବେ ନିଯୁକ୍ତି ଦାତା ସଂସ୍ଥା, ଶ୍ରମିକ ଗୋଷ୍ଠୀ ଏବଂ ସରକାରୀ ପ୍ରତିନିଧିମାନେ ଏହି ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନର ତ୍ରିପକ୍ଷୀୟ ଢାଂଚାର ଅଂଗ ଭାବେ କାର୍ଯ୍ୟ କରିଥାନ୍ତି। ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ କାର୍ଯ୍ୟାଳୟ ଏହି ଶ୍ରମ ସଂଗଠନର ସ୍ଥାୟୀ ସଚିବାଳୟ ଅଟେ। ଏଥିରେ ଜଣେ ମହାନିର୍ଦ୍ଦେଶକ ଭାବେ ୫ ବର୍ଷ ପାଇଁ ନିର୍ବାଚିତ ହେବା ପରେ ପୁନଃ ନବୀକରଣ ବ୍ୟବସ୍ଥା ଥାଇ ମହାନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏହି ସଂଗଠନର ପରିଚାଳନା କମିଟି ପ୍ରତ୍ୟେକ ବିଷୟକୁ ଯାଂଚ କରି ଏହାର ସମସ୍ତ କାର୍ଯ୍ୟକ୍ରମ ଗୁଡିକୁ କେନ୍ଦ୍ରବିନ୍ଦୁ କରିଥାଏ। ଜେନେଭାସ୍ଥିତ ଏହାର ମୁଖ୍ୟ କାର୍ଯ୍ୟାଳୟରେ ୧୧୦ଟି ବିଭିନ୍ନ ଦେଶର ପାଖାପାଖି ୧ ହଜାର ୯ଶହ କର୍ମଚାରୀ ଥିବା ବେଳେ ବିଶ୍ୱରେ ୪୦ ଜଣ କ୍ଷେତ୍ରୀୟ ଅଧିକାରୀ କାର୍ଯ୍ୟ କରୁଛନ୍ତି।

# ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନର ତ୍ରିପକ୍ଷୀୟ ଢାଂଚା କ'ଣ ?

ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନର ତ୍ରିପକ୍ଷୀୟ ବା ତ୍ରିସ୍ତରୀୟ ନିଷ୍ପତି ଗ୍ରହଣ ବ୍ୟବସ୍ଥା ରହିଛି ଯେ କି ସରକାର, ନିଯୁକ୍ତଦାତା ଏବଂ କର୍ମଚାରୀ ପ୍ରତିନିଧିମାନଙ୍କୁ ସଂଗଠନର ପ୍ରତିଟି କ୍ଷେତ୍ରରେ ଏବଂ କାର୍ଯ୍ୟକ୍ଷେତ୍ରରେ ସମାନ ଭାବେ ଗୁରୁତ୍ୱ ଦେଇଥାଏ। ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନର ତ୍ରିପକ୍ଷୀୟ ବ୍ୟବସ୍ଥା ହିଁ ସଦସ୍ୟଭୁକ୍ତ ରାଷ୍ଟ୍ରଗୁଡିକୁ ଏବଂ ନିଯୁକ୍ତିକାରୀ ସଂସ୍ଥା ସମେତ ଶ୍ରମ ସଂଗଠନ ଗୁଡିକୁ ମାର୍ଗଦର୍ଶନ ଦେଇଥାଏ। ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନର ସମ୍ବିଧାନ ଅନୁଯାୟୀ ପ୍ରତ୍ୟେକ ସଦସ୍ୟଭୁକ୍ତ ରାଷ୍ଟ୍ରଗୁଡିକ ଅନ୍ତରାଷ୍ଟ୍ରୀୟ ଶ୍ରମ ପ୍ରତିନିଧି ସଭାକୁ ତ୍ରିପକ୍ଷୀୟ ପ୍ରତିନିଧି ମାନଙ୍କୁ ପଠାଇଥାନ୍ତି ଯେଉଁଥିରେ ସରକାରଙ୍କ ପ୍ରତିନିଧି ଭାବେ ୨ଜଣ, ଜଣେ ନିଯୁକ୍ତିକାରୀ ସଂସ୍ଥା ପ୍ରତିନିଧି ଏବଂ ଜଣେ ଶ୍ରମିକ ପ୍ରତିନିଧି ଅନ୍ତର୍ଭୁକ୍ତ ଥାଇ ସଭିଙ୍କ ପରାମର୍ଶ ଦାତା ସଦସ୍ୟ ସହିତ ଭାଗ ନେଇଥାନ୍ତି। ତେବେ ଏହି ପ୍ରତିନିଧି ଭାବେ ନିଯୁକ୍ତିକାରୀ ସଂସ୍ଥା ଏବଂ ଶ୍ରମ ସଂଗଠନ ମଧ୍ୟରୁ ଜାତୀୟ ସ୍ତରରେ ସ୍ୱୀକୃତି ପ୍ରାପ୍ତ ସଂସ୍ଥା ଓ ସଂଗଠନ ମଧ୍ୟରୁ ସେମାନଙ୍କ ପ୍ରତିନିଧିମାନଙ୍କ ସହ ଆଲୋଚନା କରାଯାଇ ପ୍ରତିନିଧି ମନୋନୟନ କରାଯାଇଥାଏ। ଯାହାକି ସମ୍ପୃକ୍ତ ରାଷ୍ଟ୍ର ସରକାର ଗୁଡିକୁ ସ୍ଥିର କରିଥାନ୍ତି।

## ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନର କେଉଁ ସାଧନ ସବୁ ଅଛି ଯାହା ଶ୍ରମ ସ୍ଥିତିରେ ସୁଧାର ଆଣିପାରିବ।

ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ ନିକଟରେ ଯେଉଁ ଉପାୟ ଗୁଡିକ ଶ୍ରମିକ ମାନଙ୍କ ଅବସ୍ଥାର ଉନ୍ନତି ପାଇଁ ସୁପାରିଶ କରିଥାଏ। ଅନ୍ତରାଷ୍ଟ୍ରୀୟ ଶ୍ରମ ପ୍ରତିନିଧି ସଭାର ପରାମର୍ଶ ଓ ସୁପାରିଶ ଗୁଡିକ ଗୃହୀତ ହେବା ପରେ ସେ ସବୁକୁ ଲାଗୁ କରିଥାଏ। ଉକ୍ତ ଶ୍ରମ ପ୍ରତିନିଧି ସଭାରେ ଆନ୍ତର୍ଜାତିକ ସ୍ତରରେ ବିଭିନ୍ନ ନୀତିର ସୁପାରିଶ ଏବଂ ସାମାଜିକ ନିୟମ ଗୁଡିକୁ ନେଇ ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନର ସଦସ୍ୟଙ୍କ ତର୍ଜମା ପରେ ଏ ସବୁକୁ ବିକଶିତ କରାଇଥାଏ। କୌଣସି ବିଷୟରେ ପ୍ରତିନିଧି ସମ୍ମିଳନୀର ଆଲୋଚନା ବେଳେ ସେ ସମ୍ପର୍କରେ ଯେକୌଣସି ସୁପାରିଶ କରିବାରେ କୌଣସି ବାଧାନାହିଁ। ଯାହାକି ରାଷ୍ଟ୍ରୀୟ ସ୍ତରରେ ନୀତି ପରିମାର୍ଜନ ଓ ପଦକ୍ଷେପ ନେବାରେ ନିର୍ଦ୍ଧାରଣ କରିଥାଏ। ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ ଓ ଉକ୍ତ ପ୍ରତିନିଧି ସଭାରେ ଉଭୟ କାର୍ଯ୍ୟକ୍ଷେତ୍ରରେ ଅନ୍ତରାଷ୍ଟ୍ରୀୟ ସ୍ତରରେ ଥିବା ମାନକକୁ ପ୍ରଚଳିତ ବ୍ୟବସ୍ଥାରେ ସାମିଲ କରି ଅନୁରୂପ ନୀତି ଏବଂ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ସହ ଏହାକୁ ଗଭୀର ଭାବେ ପ୍ରଭାବ ପକାଇବାକୁ ଆନ୍ତରିକ ଉଦ୍ୟମ କରିଥାଏ।

## ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ କିପରି ଭାବେ ବୁଝାମଣା ଅଥବା ସୁପାରିଶ ଗୁଡିକୁ ଲାଗୁ କରିଥାଏ ?

କୌଣସି ପ୍ରସ୍ତାବ ତଥା ସୁପାରିଶ ଗ୍ରହଣ ପୂର୍ବରୁ ଶ୍ରମ ସଭା ନିୟମତଃ ନିଶ୍ଚିତ ଭାବେ ପୁଙ୍ଖାନୁପୁଙ୍ଖ ଭାବେ ସମସ୍ତ ପ୍ରସଙ୍ଗ ଗୁଡିକୁ ଅନୁଧ୍ୟାନ କରି ସଦସ୍ୟ ମାନଙ୍କ ସହ ପର୍ଯ୍ୟାପ୍ତ ବିଚାର ବିମର୍ଶ ପରେ ଏହାକୁ ଆନ୍ତର୍ଜାତିକ ଶ୍ରମ ସମ୍ମିଳନୀ ତଥା ସୁପାରିଶ ଗୁଡିକୁ ଗ୍ରହଣ କରିଥାଏ। ଅନ୍ତରାଷ୍ଟ୍ରୀୟ ଶ୍ରମ ସମ୍ମିଳନୀ ମଧ୍ୟ କୌଣସି ଆବଶ୍ୟକ ବିଷୟରେ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ କମିଟି ନିଯୁକ୍ତ କରିଥାଏ। କମିଟିର ରିପୋର୍ଟ ମିଳିବା ପରେ ଶ୍ରମ ସମ୍ମିଳନୀ ମାଧ୍ୟମରେ ଏହାର ପ୍ରତିନିଧି ଅଧିବେଶନରେ ଉକ୍ତ ରିପୋର୍ଟ ସହ ଅନ୍ୟ ସୁପାରିଶ ମଧ୍ୟ ପ୍ରସ୍ତାବ ଉପସ୍ଥାପିତ କରିଥାନ୍ତି। ବ୍ୟବସ୍ଥା ଅନୁଯାୟୀ ଉକ୍ତ ପ୍ରତିନିଧି ଅଧିବେଶନର ସୁପାରିଶ ପରେ ଏହାକୁ ଚୂଡାନ୍ତ କରିବାକୁ ଡ୍ରାଫ୍ଟିଂ କମିଟିକୁ ପଠାଇ ଦିଆଯାଏ। ସମସ୍ତ ସୁପାରିଶ ଗୁଡିକୁ ଉକ୍ତ ଅଧିବେଶନରେ ଉପସ୍ଥାପିତ କରାଯାଇ ଏ ସମ୍ପର୍କରେ ଭୋଟ ଦ୍ୱାରା ସହମତି ପ୍ରକାଶ ପାଇବା ପରେ ଚୁଡାନ୍ତ କାର୍ଯ୍ୟସୂଚୀ ଗ୍ରହଣ କରାଯାଇଥାଏ। ଯାହାକି ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନର ସମ୍ବିଧାନ ଧାରା (୧୯) ଅନୁଯାୟୀ ପାଳନ ହୋଇଥାଏ। ଅନ୍ତରାଷ୍ଟ୍ରୀୟ ଶ୍ରମ ପ୍ରତିନୀଧି ସଭାରେ ଉପସ୍ଥିତ ପ୍ରତିନିଧି ମାନଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ପ୍ରତିନିଧି ପ୍ରସ୍ତାବ ସପକ୍ଷରେ ଭୋଟଦାନ କଲେ ହିଁ ଏହା ଅଧିବେଶନରେ ସମ୍ମିଳନୀରେ ଗୃହୀତ କରାଯାଇଥାଏ।

ଏହି ଅଧିବେଶନରେ ମଧ୍ୟ ଗୃହୀତ ସୁପାରିଶ ଗୁଡିକର ପୁଷ୍ଟିକରଣ କରାଯିବାକୁ ଔପଚାରିକ ଭାବେ ବିଭିନ୍ନ ରାଷ୍ଟ୍ର ପାଇଁ ଉନ୍ମୁକ୍ତ ରହିଛି । ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ର ସମ୍ମିଳନୀରେ ଗୃହୀତ ନିଷ୍ପତି ଗୁଡିକୁ ଦୃଢୀକରଣ କରିବା ସହ ପ୍ରତିନୀଧି ସମ୍ମିଳନୀରେ ଗୃହୀତ ବ୍ୟବସ୍ଥା ଗୁଡିକ କିଭଳି ପ୍ରଭାବ ସୃଷ୍ଟି କରିପାରିବ ତାର କାର୍ଯ୍ୟପନ୍ଥା ସମ୍ପର୍କରେ ବିଶେଷତଃ ରାଷ୍ଟ୍ରୀୟ କାନୁନ୍ କ୍ଷେତ୍ରରେ ଉନ୍ନତି ବିଷୟରେ ଏକ ବାର୍ଷିକ ବିବରଣୀ ପ୍ରସ୍ତୁତ କରି ଆନ୍ତର୍ଜାତିକ ଶ୍ରମ ସଂଗଠନ କାର୍ଯ୍ୟାଳୟରେ ଉପସ୍ଥାପିତ କରିବାକୁ ସମ୍ମତ ହୋଇଥାନ୍ତି । ଯାହା ରାଷ୍ଟ୍ରୀୟ ବୈଧାନିକକୁ ବିକଶିତ କରିଥାଏ । ରାଷ୍ଟ୍ରୀୟ ପ୍ରତିନିଧି ସଭ୍ୟ ଯେଉଁ ବିଷୟରେ ଅସହମତ ତାହା ମଧ୍ୟ ବିବରଣୀରେ ଉଲ୍ଲେଖ କରିବା ଆବଶ୍ୟକ ହୋଇଥାଏ ।

ତେବେ ଏହାକୁ ସୁପାରିଶ ଗୁଡିକ ଯଦିଓ ଆଇନଗତ ଭାବେ ବାଧ୍ୟତାମୂଳକ ନୁହେଁ ଏବଂ ସରକାରଙ୍କ ଉପରେ ଏ ନେଇ କୌଣସି ଔପଚାରିକ ଦାୟିତ୍ୱ ପ୍ରଦାନ କରାଯାଏ ନାହିଁ । ତଥାପି ସାମାଜିକ ନୀତୀକୁ ଦିଗଦର୍ଶନ ଦେବା ହିଁ ଏହାର ଆଭିମୁଖ୍ୟ ଅଟେ ।

# ଆଇ ଏଲ୍ ଓ ଏବଂ ମତ୍ସ୍ୟ କ୍ଷେତ୍ର




ମତ୍ସ୍ୟଧରା କାର୍ଯ୍ୟ ସମ୍ପର୍କିତ ଅଧିବେଶନ

# ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ କେଉଁ ଭାବେ ମତ୍ସ୍ୟକ୍ଷେତ୍ର ସହ ସମ୍ପୃକ୍ତ ?

ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ ୧୯୨୦ ମସିହାରୁ ମତ୍ସ୍ୟକ୍ଷେତ୍ରର ଶ୍ରମିକ ମାନଙ୍କ ପରିସ୍ଥିତିର ଉନ୍ନତି ପାଇଁ ଆଗ୍ରହ ପୋଷଣ କରି ଆସୁଅଛି । ଯେତେବେଳେ କି ଇଟାଲୀର ଜେନେଭା ଠାରେ ଅନ୍ତରାଷ୍ଟ୍ରୀୟ ଶ୍ରମ ପ୍ରତିନିଧି ସଭାର ୨ୟ ଅଧିବେଶନରେ ମତ୍ସ୍ୟକ୍ଷେତ୍ରରେ ନିଯୁକ୍ତ ଥିବା ଶ୍ରମିକ ମାନେ କେତେ ଘଂଟା କାର୍ଯ୍ୟ କରିବେ ତହିଁର ସମୟ ନିର୍ଦ୍ଧାରଣ ସମ୍ବନ୍ଧୀୟ ଏକ ପ୍ରସ୍ତାବ ଗୃହୀତ କରାଗଲା । ଏଥିରେ ଶ୍ରମିକ ମାନଙ୍କ ପାଇଁ ଦିନକୁ ୮ ଘଂଟା ଓ ସପ୍ତାହରେ ୪୮ ଘଂଟା କାର୍ଯ୍ୟ ସମୟ ନିର୍ଦ୍ଧାରଣ କରାଯାଇଥିବା ବେଳେ ପୂର୍ବରୁ କେହି କେହି ଏ ସବୁକୁ ପାଳନ କରିନଥିଲେ ।

ପାଖାପାଖି ୪୦ ବର୍ଷ ପରେ ଅନ୍ତରାଷ୍ଟ୍ରୀୟ ଶ୍ରମ ପ୍ରତିନିଧି ସଭାରେ ମତ୍ସ୍ୟଚାଷ ସମ୍ପର୍କୀତ ୩ଟି ପ୍ରସ୍ତାବ ଗୃହୀତ କରାଯାଇଛି । ପ୍ରଥମତଃ ମତ୍ସ୍ୟଜୀବିଙ୍କ ପାଇଁ ସର୍ବନିମ୍ନ ବୟସ ନିର୍ଦ୍ଧାରଣ ସମ୍ପର୍କରେ ୧୯୫୯ (ସଂଖ୍ୟା ନଂ ୧୧୨) ଓ ମତ୍ସ୍ୟକର୍ମୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପର୍କୀତ ୧୯୫୯ (ସଂଖ୍ୟା ନଂ ୧୧୩) ଏବଂ ମତ୍ସ୍ୟକର୍ମୀଙ୍କ ସହ ବିଭିନ୍ନ ଚୁକ୍ତିନାମା ଗୁଡିକର ଧାରା ବିଷୟକ ସଂଖ୍ୟା-୧୧୪କୁ ଗୃହୀତ କରାଯାଇଛି ।

ପ୍ରସ୍ତାବ ନଂ ୧୧୨ରେ ଗୃହୀତ ସୁପାରିଶରେ ସାମୁଦ୍ରିକ କ୍ଷେତ୍ରରେ ସମସ୍ତ ମାଛମରା ଡଙ୍ଗି ବ୍ୟବସାୟ କ୍ଷେତ୍ରରେ ଲାଗୁ ହୋଇଛି ଯେ, ମାଛମରା ଡଙ୍ଗିରେ ୧୫ ବର୍ଷରୁ କମ୍ ବୟସର ପିଲାଙ୍କୁ କାର୍ଯ୍ୟରେ ନିୟୋଜନ ନିଷେଧ ଅଟେ । ପୁନଶ୍ଚ ଏ କ୍ଷେତ୍ରରେ ଯଦି ୧୪ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ପିଲାର ସ୍ୱାସ୍ଥ୍ୟ ଏବଂ ଶାରିରୀକ ଅବସ୍ଥା ଠିକ୍ ଥିଲେ ଏହି କାର୍ଯ୍ୟରେ ନିଯୁକ୍ତି ହୋଇପାରିବ ବୋଲି ସୁପାରିଶ ରହିଛି ।

ସେହିପରି ୧୧୩ତମ ସୁପାରିଶରେ ଯେଉଁ ମାଛମରା ଡଙ୍ଗିସବୁ ମାଛ ମାରିବାକୁ ସମୁଦ୍ରରେ ୩ ଦିନରୁ ଅଧିକ ରହୁଥିବ (୩ ଦିନରୁ କମ୍ ସମୁଦ୍ରରେ ମାଛମରା କାର୍ଯ୍ୟରେ ନିୟୋଜିତ ଡଙ୍ଗିକୁ ବାଦ୍ ଦେଇ) ସମସ୍ତ ବ୍ୟବସାୟିକ ଡଙ୍ଗି ଗୁଡିକ ପାଇଁ ଏକ ନିଷ୍ପତି ଗ୍ରହଣ କରାଯାଇଛି । ଏଥିରେ ଯାଉଥିବା ମତ୍ସ୍ୟକର୍ମୀ ଉକ୍ତ କାମରେ ସପ୍ତାହକ ପାଇଁ ତାର ସ୍ୱାସ୍ଥ୍ୟ ଠିକ୍ ରହିବ ବୋଲି ଏକ ପ୍ରମାଣପତ୍ର ହାସଲ କରିବା ଆବଶ୍ୟକ ବୋଲି ନିଷ୍ପତି ଗ୍ରହଣ କରାଯାଇଛି । ପରବର୍ତ୍ତୀ ୧୧୪ ନଂ ସୁପାରିଶରେ ସାମୁଦ୍ରିକ ମତ୍ସ୍ୟଧରା କାର୍ଯ୍ୟରେ ନିର୍ଦ୍ଦିଷ୍ଟ ପ୍ରକାର ଡଙ୍ଗି ବ୍ୟବହାରକୁ ବାଦ ଦେବା ପାଇଁ ଶ୍ରମିକ ପ୍ରତିନିଧି

ନିଯୁକ୍ତକାରୀ ସଂସ୍ଥା ଓ ଶ୍ରମିକଙ୍କ ସହ ଆଲୋଚନା ପରେ ବିଭିନ୍ନ ଉପାୟମାନ ସ୍ଥିର ହୋଇଥିଲା। ଏ ସମ୍ପର୍କରେ ମାଛଧରା ଡଙ୍ଗିର ମାଲିକ, ଏଥିରେ ସବୁବେଳେ ମାଛ ଧରୁଥିବା ମତ୍ସ୍ୟକର୍ମୀ ତଥା ସାମୟିକ ଭାବେ ନିଯୁକ୍ତ ମତ୍ସ୍ୟକର୍ମୀ ଅଥବା ଏକ ମାଛମରା ଜଳଯାତ୍ରା ବିଷୟକ ନିର୍ଦ୍ଦିଷ୍ଟ ଧାରାରେ ଚୁକ୍ତିନାମା ଆଦି ଉକ୍ତ ରାଷ୍ଟ୍ରର ଆଇନ କାନୁନ୍‌କୁ ଦୃଷ୍ଟିରେ ରଖି କରାଯିବା ଆବଶ୍ୟକ ହୋଇଥାଏ। ଏହି ଧାରା ଗୁଡିକ  ମଧ୍ୟରେ ଅନେକ ବିଷୟ ମଧ୍ୟରୁ ମାଛଧରା ଡଙ୍ଗିରେ ଯାଉଥିବା ମତ୍ସ୍ୟକର୍ମୀଙ୍କୁ କି କି ସହାୟତା ବ୍ୟବସ୍ଥା ଯୋଗାଇ ଦିଆଯାଇଛି, ସେମାନଙ୍କୁ କିଭଳି ପାରିଶ୍ରମିକ ଦିଆଯାଉଛି ଏବଂ ଚୁକ୍ତିନାମା ଖିଲାପ ହେବାର କ'ଣ କ'ଣ ସବୁ ସର୍ତ୍ତ ଅଛି ଏ ସବୁ ଅନ୍ତର୍ଭୁକ୍ତ ରହିଛି।

୧୯୬୬ ମସିହା ପ୍ରତିନିଧି ସଭାର ଗୃହୀତ ପ୍ରସ୍ତାବର ଦୀର୍ଘ ବର୍ଷ ପରେ ପୁଣି ୨୦୦୭ ମସିହା ମତ୍ସ୍ୟକ୍ଷେତ୍ର ପ୍ରତିନିଧି ସଭାରେ ପୂର୍ବ ପ୍ରସ୍ତାବ ଗୁଡିକୁ ଅନୁଶୀଳନ ଓ ପାଳନ କରାଯିବାକୁ ସ୍ଥିର କରାଗଲା। ଏ ସବୁ ପ୍ରସ୍ତାବ ଗୁଡିକ ମଧ୍ୟରେ ମତ୍ସ୍ୟକର୍ମୀ ମାନଙ୍କ ଦକ୍ଷତା ପ୍ରମାଣପତ୍ର  ୧୯୬୬ (ସଂଖ୍ୟା ନଂ-୧୨୫) ଏବଂ ସେମାନଙ୍କ ଆବାସ ୧୯୬୬ (ସଂଖ୍ୟା ନଂ-୧୨୬)।  ଏହି ଉଭୟ ସୁପାରିଶ ସମୁଦ୍ର କୂଳରେ ମାଛ ଧରିବାରେ ନିୟୋଜିତ ଥିବା ଡଙ୍ଗି ଗୁଡିକ ଏବଂ ୨୫ଟନ୍‌ରୁ କମ୍ ଓଜନ ମଧ୍ୟରେ ପଞ୍ଜୀକୃତ (ଜି.ଆର୍.ଟି) ଡଙ୍ଗି ଗୁଡିକୁ ବାଦ ଦିଆଯାଇଛି। ପରବର୍ତ୍ତୀ ଅଧିବେଶନରେ ୧୩.୭ ମିଟର ଲମ୍ବ ଡଙ୍ଗି ବିଷୟକୁ ମଧ୍ୟ ବାଦ୍ ଦିଆଯାଇଛି। ଏହି ଉଭୟ ଅଧିବେଶନ ଗୁଡିକ ପ୍ରକୃତ ପକ୍ଷେ ମତ୍ସ୍ୟକ୍ଷେତ୍ର ଶିଳ୍ପ ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ଲାଗୁ କରାଯାଇଥିଲା।

ଏଥିରେ ସୁପାରିଶ ନଂ-୧୨୫ଅନୁଯାୟୀ ଯେଉଁ ସଦସ୍ୟ ଦେଶ ସୁପାରିଶ ଗ୍ରହଣ କରିଛନ୍ତି, ମାଛଧରା ଡଙ୍ଗିରେ କାମ କରୁଥିବା କ୍ୟାପଟେନ, ସହଯୋଗୀ ଅଥବା ଇଞ୍ଜିନିୟର ପ୍ରତ୍ୟେକଙ୍କ କେଉଁ ବିଷୟକ କିଭଳି ଦକ୍ଷତା ରହିଛି  ତହିଁର ମାନ ନିର୍ଦ୍ଧାରଣ କରିବେ। ପରବର୍ତ୍ତୀ ଅଧିବେଶନ ସଂଖ୍ୟା -୧୨୬ରେ ସେମାନଙ୍କୁ ଆବାସ ସୁବିଧା ସହ ପ୍ରଦାନ କରିବାକୁ ସୁପାରିଶ କରାଯାଇଛି।

୧୯୬୬ ମସିହା ସୁପାରିଶ ସଂଖ୍ୟା ୧୨୬ ମୁତାବକ ମତ୍ସ୍ୟକର୍ମୀଙ୍କୁ ବୃତିଗତ ତାଲିମରେ  ବିଭିନ୍ନ କ୍ଷେତ୍ରରେ ଯଥା ନୌଚାଳନା, ଜଳ କ୍ଷେତ୍ରରେ ମାଛମରା କାର୍ଯ୍ୟ ଓ ଡଙ୍ଗି ମରାମତି ତଥା ରକ୍ଷଣାବେକ୍ଷଣ କାର୍ଯ୍ୟରେ ଏବଂ ସମୁଦ୍ର ଭିତରେ ନିରାପତା ବିଷୟରେ ସାଧାରଣତଃ ତାଲିମ ଦେବାକୁ ଗୁରୁତ୍ୱ ଦିଆଯାଇଛି।

ସାମୁଦ୍ରିକ ମାଛଧରା ବ୍ୟବସାୟ କାର୍ଯ୍ୟ ଉପରେ ମଧ୍ୟ ଅନେକ ସୁପାରିଶକୁ ଲାଗୁ କରିବାକୁ ଉକ୍ତ ସାମୁଦ୍ରିକ ଅଧିବେଶନରେ ସୁପାରିଶ ଗୃହୀତ ହୋଇଛି। ଏଣୁ ସମୁଦ୍ର ମାଛମରା କାର୍ଯ୍ୟରେ ନିୟୋଜିତ ବେଳେ ଶ୍ରମିକଙ୍କ ରୋଗବ୍ୟାଧି ଏବଂ ଆହତ ନାବିକଙ୍କ ପାଇଁ ସମ୍ପୃକ୍ତ ଜାହାଜ ମାଲିକଙ୍କ ଦାୟିତ୍ୱ ବିଷୟକ ଅଧିବେଶନ (୧୯୩୬ ମସିହା ସଂଖ୍ୟା ନଂ-୫୬)ର ସୁପାରିଶକୁ ସମସ୍ତ ମାଛଧରା ଡଙ୍ଗି କ୍ଷେତ୍ରରେ ଲାଗୁ କରାଯାଇଛି। ତଟବର୍ତ୍ତୀ ମାଛମରା ଡଙ୍ଗି ଏଥିରୁ ବାଦ କରାଯାଇଛି। ସେହିପରି ୧୯୮୭ ମସିହା ନାବିକ କଲ୍ୟାଣ ସୁପାରିଶ ନଂ-୧୬୩ରେ ସ୍ୱାସ୍ଥ୍ୟ ସୁରକ୍ଷା ଓ ଚିକିତ୍ସା ଯତ୍ନକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ସାମାଜିକ ନିରାପତା ବିଷୟକୁ ସୁପାରିଶ ନଂ ୧୬୪ ରେ ଏବଂ ୧୬୫ ନଂ ସୁପାରିଶରେ ଏହାର ସମୀକ୍ଷା କରାଯାଇଛି। ସେହିପରି ଏହି ୧୯୮୭ ଅଧିବେଶନ ସୁପାରିଶ ନଂ ୧୬୬ରେ ଥିବା ବ୍ୟବସ୍ଥା ଗୁଡ଼ିକର ଦୃଢ଼ୀକରଣ ଏବଂ ୧୯୯୬ ମସିହା ସୁପାରିଶ ନଂ ୧୭୮ରେ ନିଯୁକ୍ତ ଶ୍ରମିକଙ୍କ ପରିସ୍ଥିତି ନିରୀକ୍ଷଣ ଏବଂ ୧୭୯ ନଂ ସୁପାରିଶରେ ଶ୍ରମିକ ଚୟନ ଓ ଅବସ୍ଥାନ ତଥା କର୍ମନିଯୁକ୍ତି ସହ ଏହାର ୧୮୦ ନଂ ସୁପାରିଶରେ ନିଯୁକ୍ତି କାର୍ଯ୍ୟ ପାଇଁ ସମୟ ନିର୍ଘଂଟ ଏବଂ ବ୍ୟବହୃତ ବିଭିନ୍ନ ସାମୁଦ୍ରିକ ଜାହାଜ ସମ୍ପର୍କିତ ଅଧିବେଶନ ଯାହାକି ସାମୁଦ୍ରିକ ମତ୍ସ୍ୟମରା କାର୍ଯ୍ୟରେ ବ୍ୟବସାୟିକ ଭାବେ ଲାଗିଥାଏ ସେ ସମ୍ପର୍କରେ ସୁପାରିଶ ମାନ କରାଯାଇଛି।

## ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ ମତ୍ସ୍ୟଧରା କ୍ଷେତ୍ରରେ ନୂଆ ଶ୍ରମ ମାନର ବିକାଶ ପାଇଁ କ'ଣ ସବୁ କରିଛି ?

ମାର୍ଚ୍ଚ ୨୦୧୨ରେ ଅନୁଷ୍ଠିତ ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନର ୨୮୩ତମ ଅଧିବେଶନରେ ଶ୍ରମ ସଂଗଠନର ପରିଚାଳନା ମଣ୍ଡଳୀ ପକ୍ଷରୁ ଶ୍ରମମାନରେ ଆବଶ୍ୟକ ମାନଦଣ୍ଡ ସମ୍ପର୍କରେ ଏକ ପ୍ରସ୍ତାବ ଆଗତ କରିଥିଲେ। ଏହି ପ୍ରସ୍ତାବରେ ମତ୍ସ୍ୟକ୍ଷେତ୍ର କାର୍ଯ୍ୟ ଗୁଡ଼ିକ କ୍ଷେତ୍ରରେ କିଛି ଅତିରିକ୍ତ ସୁପାରିଶ ଗୃହୀତ ହୋଇଥିଲା। ୧୯୬୬କୁ ବାଦ ଦେଲେ ଏଥିରେ ଯେଉଁ ନୂଆ ମାନଦଣ୍ଡ ସ୍ଥିର ହୋଇଥିଲା ତହିଁରେ ଶ୍ରମ ସଂଗଠନର ସମୁଦାୟ ୭ଟି ସାଧନରୁ ୬ଟି ସାଧନ ଉପରେ ପୁନଃ ସମୀକ୍ଷା ପାଇଁ ସୁପାରିଶ ହୋଇଥିଲା। ଏଥିରେ ମତ୍ସ୍ୟଧରା କମ୍ପାନୀ ମାନଙ୍କ ପ୍ରମାଣପତ୍ର ଅଧିବେଶନ-୧୯୬୬କୁ ବାଦ୍ ଦିଆଯାଇଥିଲା। ଯେଉଁମାନେ ମାଛମରା ଡଙ୍ଗିରେ ଦଳଗତ ଭାବେ କାର୍ଯ୍ୟ କରୁଛନ୍ତି ସେହି ଲୋକମାନଙ୍କ ନୂଆ ନୂଆ ସମସ୍ୟା ଯଥା ସେମନାଙ୍କ ବୃତିଗତ ଦରମା, ସ୍ୱାସ୍ଥ୍ୟ

ଏବଂ ସମାଜିକ ନିରାପତା ଆଦିକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଥିଲା।

ମତ୍ସ୍ୟଧରା କାର୍ଯ୍ୟ ସମ୍ପର୍କୀତ ୨୦୦୭ ଅଧିବେଶନରେ ଯେଉଁସବୁ ଅତିରିକ୍ତ ସୁପାରୀଶ ମାନ (ଆର୍.-୧୯୯) ଆସିଥିଲା ସେ ସବୁକୁ ଅନ୍ତରାଷ୍ଟ୍ରୀୟ ଶ୍ରମ ପ୍ରତିନିଧି ଅଧିବେଶନ ୨୦୦୭ରେ ଜେନେଭା ଠାରେ ୯୬ତମ ଅଧିବେଶନରେ ଆଗତ କରାଗଲା। ଅନ୍ତରାଷ୍ଟ୍ରୀୟ ଶ୍ରମ ସମ୍ମିଳନୀରେ ଲାଗଲାଗ ଦୁଇଟି ଅଧିବେଶନରେ ଏସବୁ ପ୍ରସ୍ତାବିତ ବିଷୟ ଉପରେ ଆଲୋଚନା ଓ ଗତ ୨୦୦୪ ଓ ୨୦୦୫ରେ ଗଠିତ ମତ୍ସ୍ୟକ୍ଷେତ୍ର ସମ୍ପର୍କିତ କମିଟିର ସୁପାରିଶ ଗୁଡିକ ନେଇ ପରବର୍ତୀ ପରିବର୍ତିତ ପରିସ୍ଥିତି ବିଷୟରେ କେତେକ ସଦସ୍ୟ ଗଣ ଏବଂ ମତ୍ସ୍ୟକ୍ଷେତ୍ରରେ ନିଯୁକ୍ତି ଦାତା ମାନେ ଅନ୍ତରାଷ୍ଟ୍ରୀୟ ଶ୍ରମ ସମ୍ମିଳନୀର ପ୍ରସ୍ତାବ ଉପରେ କିଛି ପରିବର୍ତନ ଅଣାଯିବା ପରେ ଏହାକୁ ଗୃହୀତ କରାଯାଇଥିଲା।

ମତ୍ସ୍ୟଧରା କ୍ଷେତ୍ର କାର୍ଯ୍ୟ ସମ୍ବନ୍ଧୀତ ଅଧିବେଶନ- ୨୦୦୭ ସୁପାରିଶ ଗୁଡିକ ସଦସ୍ୟ ରାଷ୍ଟ୍ର ଦ୍ୱାରା ଗୃହୀତ ହେବାର ୧୨ ମାସ ପରେ ଲାଗୁ କରାଯିବ। ଯେଣୁ ଏମାନେ ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନରେ ପଞ୍ଜୀକୃତ ଅଟନ୍ତି ଯେଉଁଥିରେ ୮ଟି ତଟୀୟ ରାଷ୍ଟ୍ର ମଧ୍ୟ ସାମିଲ ଅଛନ୍ତି।

# ମତ୍ସ୍ୟଧରା କ୍ଷେତ୍ର କାର୍ଯ୍ୟ ବିଷୟକ
# ଅଧିବେଶନ -୨୦୦୭


ଗଭୀର ସମୁଦ୍ରରେ
ମତ୍ସ୍ୟକର୍ମୀ
ଦୂର ଜଳ ପୋତ
ଡବ୍ଲ୍ୟୁଏଫ୍‌ସି' ୦୭

# ମତ୍ସ୍ୟଧରା କ୍ଷେତ୍ର କାର୍ଯ୍ୟ ବିଷୟକ ଅଧିବେଶନ, ୨୦୦୭ର ବିଶେଷତ୍ୱ କ'ଣ ?

ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ ଦ୍ୱାରା ମତ୍ସ୍ୟଧରା କ୍ଷେତ୍ର କାର୍ଯ୍ୟ ସମ୍ବନ୍ଧୀତ ଅଧିବେଶନ ୨୦୦୭ରେ ମତ୍ସ୍ୟଶ୍ରମିକଙ୍କ ମାନର ଉନ୍ନତି ପାଇଁ ଯଦିଓ ୪୦ ବର୍ଷ ହେଲା ପଦକ୍ଷେପ ନିଆଯାଇଛି ବିଗତ ଅଧିବେଶନ ମାନଙ୍କରେ ଏ ସବୁକୁ ଖୁବ୍ କମ୍ ଅନୁଶୀଳନ କରାଯାଇଛି । ଅଧିକନ୍ତୁ ସେହି ପୁରୁଣା ଉପାୟ ଗୁଡିକ ଆଉ ଅଧିକ କାଳ ଉପଯୋଗୀ ହୋଇପାରିନଥିଲା ଏବଂ ଏହାକୁ ପୁଣି ମତ୍ସ୍ୟକ୍ଷେତ୍ରରେ ଆଜିର ପରିବର୍ତିତ ଅବସ୍ଥାକୁ ନେଇ ପ୍ରତିଫଳିତ କରାଯାଇଛି । ତେବେ ସାମୁଦ୍ରିକ କ୍ଷେତ୍ର ଅଧିବେଶନର ପ୍ରସ୍ତାବ ସବୁକୁ ସାମୁଦ୍ରିକ ମାଛଧରା ବ୍ୟବସାୟ କ୍ଷେତ୍ରରେ ଲାଗୁ ନ କରାଯିବା ବିଷୟରେ ଗତ "ସାମୁଦ୍ରିକ କ୍ଷେତ୍ର ଶ୍ରମିକ" ଅଧିବେଶନ-୨୦୦୬ରେ ଗୃହୀତ କରାଯିବା ଜରୁରୀ ହୋଇପଡିଥିଲା । ଯେଉଁଥିରେ ଏବେକାର ସାମୁଦ୍ରିକ ଅଧିବେଶନରେ ଏ ସବୁ ସୁଯୋଗରୁ ବାଦ୍ ପଡିଥିବା ମାଛଧରା ଡଙ୍ଗା ବିଷୟରେ ପୂର୍ବ ନିୟମ ଗୁଡିକର ପର୍ଯ୍ୟାଲୋଚନା କରାଯାଇଥିଲା । ଏଣୁ ମତ୍ସ୍ୟ ଅଧିବେଶନ-୨୦୦୭ରେ କାର୍ଯ୍ୟ ସମୂହରେ ମତ୍ସ୍ୟକ୍ଷେତ୍ର ଶ୍ରମିକଙ୍କ ମାନ ଏବଂ କର୍ପୋରେଟ୍ ସଂସ୍ଥା ମାନଙ୍କ ଏଥି ନେଇ ବ୍ୟବସ୍ଥା ଗୁଡିକ ଯାହାକି ମାଛମରା ଡଙ୍ଗା ଗୁଡିକ କ୍ଷେତ୍ରରେ ମଧ୍ୟ ଲାଗୁ ହୋଇପାରିବ ସେ ସବୁକୁ ସଜାଡି ଏବଂ ଶକ୍ତିଶାଳୀ କରି ଠିକ୍ ଭାବେ ବିନିଯୋଗ ପ୍ରକ୍ରିୟା ଦ୍ୱାରା ମାଛଧରା କ୍ଷେତ୍ରରେ ଗତ ୪ ଦଶନ୍ଧି ହେଲା ରହିଥିବା ବ୍ୟବସ୍ଥାରେ ପରିବର୍ତନ ଆଣିବାର ଉଦ୍ୟମ କରାଯାଇଛି । ଏଥି ସହ ସାମୁଦ୍ରିକ କ୍ଷେତ୍ର ଶ୍ରମିକ ଅଧିବେଶନରେ ଯେଉଁ ମାଛମରା ଡଙ୍ଗା ଗୁଡିକ ବିଷୟ ସାମିଲ କରାନଯାଇ ବାଦ୍ ରହିଯାଇଛି । ସେହି ବାଦ ପଡିଥିବା ବିଷୟକୁ ସାମିଲ କରି ଏ କ୍ଷେତ୍ରରେ ଥିବା ଦୁର୍ବଳତାକୁ ପୂରଣ କରିବାକୁ ସାମୁଦ୍ରିକ କ୍ଷେତ୍ର ଶ୍ରମ ଅଧିବେଶନରେ ସୁଯୋଗ ପ୍ରଦାନ କରାଯାଇଛି ।

ସାମ୍ପ୍ରତିକ ବିଶ୍ୱ ଜଗତୀକରଣ ଅର୍ଥବ୍ୟବସ୍ଥା ଓ ବ୍ୟବସାୟ ପ୍ରସଙ୍ଗରେ ଦେଖାଯାଉଛି ଯେ ଅନେକ ବିକାଶମୁଖୀ ରାଷ୍ଟ୍ରମାନଙ୍କରେ ମାଛଧରା ଡଙ୍ଗା ଗୁଡିକ ନିଜ ରାଷ୍ଟ୍ର ଜଳସୀମା ସମେତ ଗଭୀର ସମୁଦ୍ର ତଥା ଅନ୍ୟ ରାଷ୍ଟ୍ରର ଜଳସୀମା ଭିତରେ ମାଛ ଧରିଥାନ୍ତି । ବିକାଶଶୀଳ ଦେଶରେ ଶିଳ୍ପ ବିକାଶ କ୍ଷେତ୍ରରେ ମତ୍ସ୍ୟଧରା ଡଙ୍ଗା ଗୁଡିକରେ ନିଯୁକ୍ତି ମଧ୍ୟ ଆଶାତୀତ ଭାବେ ବଢି ଚାଲିଛି । ଏ ପରିସ୍ଥିତିରେ ମତ୍ସ୍ୟକ୍ଷେତ୍ର ଅଧିବେଶନ -୨୦୦୭ର

କାର୍ଯ୍ୟ ମଧ୍ୟରେ ମତ୍ସ୍ୟକ୍ଷେତ୍ରର କାର୍ଯ୍ୟରତ ଶ୍ରମିକ ମାନଙ୍କ ଦୃଷ୍ଟିକୋଣରୁ ଅପରିହାର୍ଯ୍ୟ ତଥା ଅତ୍ୟାବଶ୍ୟକ ଉପାୟବଳୀ ଅଟେ। ଯାହାକି ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ ଏହି ବୃତିକୁ ଅନ୍ୟ ବୃତିଗୁଡ଼ିକ ତୁଳନାରେ ଏକ ବିପଦ ଶଙ୍କୁଳ ବୃତି ଭାବେ ମାନ୍ୟତା ଦେବା ସହ ଡଙ୍ଗିରେ ମାଛ ମାରୁଥିବା ମତ୍ସ୍ୟ ଶ୍ରମିକଙ୍କ ଜୀବନ ଓ ଜୀବିକାରେ ଉନ୍ନତି ପାଇଁ ଉଦ୍ୟମ କରୁଅଛି।

ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନର ଇତିହାସରେ ମତ୍ସ୍ୟକ୍ଷେତ୍ର ସମ୍ପର୍କୀତ ଉପାୟ ଗୁଡ଼ିକ ଉପରେ ପ୍ରଥମ କରି "ମତ୍ସ୍ୟକ୍ଷେତ୍ର ଅଧିବେଶନ ୨୦୦୭ରେ କାର୍ଯ୍ୟ" ମତ୍ସ୍ୟକ୍ଷେତ୍ରରେ ସମସ୍ତ କାର୍ଯ୍ୟକ୍ଷେତ୍ର ଗୁଡ଼ିକରେ ସୁଯୋଗ ସବୁର ବିସ୍ତାରପାଇଁ ଉପାୟ ଗ୍ରହଣ କରାଗଲା ଯେଉଁଥିରେ ନଦୀ, ହ୍ରଦ ଓ କେନାଲ ଗୁଡ଼ିକ କ୍ଷେତ୍ରକୁ ମଧ୍ୟ ସାମିଲ କରାଗଲା। ଏଥିରୁ କେବଳ ଆମୋଦ ପ୍ରମୋଦ ଭିତିକ ମାଛମରା କ୍ଷେତ୍ରକୁ ବାଦ ଦିଆଯାଇଛି। ସବୁଠାରୁ ଉଲ୍ଲେଖ ଯୋଗ୍ୟ ଯେ, ଆନ୍ତର୍ଜାତିକ ଶ୍ରମ ସଂଗଠନର ମତ୍ସ୍ୟକ୍ଷେତ୍ର ସମ୍ପର୍କୀତ ପ୍ରଥମ ଉପାୟ ଯାହାକି ଉଭୟ ଆଭ୍ୟନ୍ତରୀଣ ଏବଂ ସାମୁଦ୍ରିକ ମତ୍ସ୍ୟକ୍ଷେତ୍ର କାର୍ଯ୍ୟ ଗୁଡ଼ିକ ସମେତ କ୍ଷୁଦ୍ର ମାଛମରା କାର୍ଯ୍ୟଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି। ଏସବୁର ସୁଯୋଗ ଗୁଡ଼ିକୁ ସନ୍ନିବେଶ କରାଯାଇଛି ଏଣୁ ଏହି ପ୍ରତିନିଧି ସମ୍ମିଳନୀ ଦ୍ୱାରା ଉଭୟ ବୃହତ୍ ଏବଂ କ୍ଷୁଦ୍ର ମାଛମରା ଡଙ୍ଗି, ଖୋଲା ଅଥବା ଡଙ୍ଗି ଗୃହରେ ଥାଇ ମାଛମରା କାର୍ଯ୍ୟରେ ନିୟୋଜିତ ମତ୍ସ୍ୟକର୍ମୀଙ୍କ ପାଇଁ ସହାୟକ ହୋଇପାରିଛି।

## ମତ୍ସ୍ୟଧରାକ୍ଷେତ୍ର କାର୍ଯ୍ୟ ବିଷୟକ ଅଧିବେଶନ ୨୦୦୭ ଅନ୍ତର୍ଗତ ମୁଖ୍ୟ ଆବଶ୍ୟକତା କ'ଣ ?

ଯେଉଁ ରାଷ୍ଟ୍ର ଗୁଡ଼ିକ ଏହି ମତ୍ସ୍ୟଧରାକ୍ଷେତ୍ର କାର୍ଯ୍ୟ ବିଷୟକ ଅଧିବେଶନ-୨୦୦୭ରେ ଯୋଗ ଦେଇ ପୁଷ୍ଟି କରିଛନ୍ତି ସେମାନେ ମାଛମରା ଡଙ୍ଗିରେ ଜଳକ୍ଷେତ୍ରରେ କିଭଳି ନିରାପଦ ଭାବେ କାର୍ଯ୍ୟ କରିପାରିବେ ତହିଁର ଆବଶ୍ୟକତା ସବୁକୁ ଚିହ୍ନଟ କରିବାର ଥିଲା। ଆନ୍ତର୍ଜାତିକ ଶ୍ରମ ସଂଗଠନର ସଭ୍ୟମାନଙ୍କ ପାଇଁ ଏ ସବୁ ବ୍ୟବସ୍ଥାର ଉନ୍ନତି ଆଣିବାକୁ ଅନ୍ତତଃ ଜଳକ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଷୟରେ ସର୍ବନିମ୍ନ ଆବଶ୍ୟକତା ନେଇ ମାନ ସ୍ଥିର କରିବା ଆବଶ୍ୟକ ହୋଇପଡ଼ିଥିଲା।

**- ଜଳକ୍ଷେତ୍ର ଡଙ୍ଗିରେ କାର୍ଯ୍ୟ କରୁଥିବା ନିମନ୍ତେ ସର୍ବନିମ୍ନ ଆବଶ୍ୟକତା -**

* ଜଳକ୍ଷେତ୍ରରେ ମାଛମରା କାର୍ଯ୍ୟରେ ନିୟୋଜିତ ହେବାରେ ସର୍ବନିମ୍ନ ବୟସକୁ ଗୁରୁତ୍ୱ ଦେବା ସହ ସେଭଳି ସାନ ସାନ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ମାନସିକତା ସହ କୌଣସି ଖେଳୱାଡ଼ ନ କରିବା।

* ଜଳକ୍ଷେତ୍ରରେ ମାଛମରା କାର୍ଯ୍ୟ କରିବାକୁ ଯାଉଥିବା ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନେ ଏଥିପାଇଁ ଉପଯୁକ୍ତ ବୋଲି ସୁନିଶ୍ଚିତ କରିବା।

**- ନିୟୋଜନ ନିମନ୍ତେ ସର୍ତ୍ତାବଳୀ-**

* ଜଳକ୍ଷେତ୍ରରେ ମାଛମରା ଡଙ୍ଗିରେ ସମସ୍ତ ନିରାପତା ଏବଂ ସେମାନଙ୍କ କାର୍ଯ୍ୟକ୍ଷେତ୍ରରେ ନିରାପତା ଗୁଡିକର ପ୍ରକ୍ରିୟା ଗୁଡିକୁ ସୁନିଶ୍ଚିତ କରିବା।

* ଜଳକ୍ଷେତ୍ରରେ ମାଛମରା କାର୍ଯ୍ୟରେ ନିୟୋଜିତ ଲୋକଙ୍କ ନିରାପତା ଓ ସ୍ୱାସ୍ଥ୍ୟ ବିଷୟ ସୁନିଶ୍ଚିତ କରିବାକୁ ସେମାନଙ୍କୁ ନିୟୋଜିତ କ୍ଷେତ୍ରରେ ନିୟମିତ ସମୟ ପାଇଁ ବିଶ୍ରାମ ବ୍ୟବସ୍ଥା।

* ମାଛମରା ପାଇଁ ଜଳକ୍ଷେତ୍ରରେ ପ୍ରତ୍ୟେକ ଡଙ୍ଗି ଆଦିରେ ଯାଉଥିବା ତାଲିକା କପିକୁ ଯାତ୍ରା ପୂର୍ବରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବା।

* ମତ୍ସ୍ୟକର୍ମୀଙ୍କ କାର୍ଯ୍ୟ ଗୁଡିକ ବିଷୟରେ ଏକ ରାଜିନାମା ପ୍ରସ୍ତୁତ କରିବା ଏବଂ ଏଥିରେ କାର୍ଯ୍ୟକ୍ଷେତ୍ରରେ ସୁବିଧା ସୁଯୋଗ ବିଷୟକ ବିବରଣୀ ସହ ଜଳକ୍ଷେତ୍ରରେ ଡଙ୍ଗିରେ ମତ୍ସ୍ୟକର୍ମୀଙ୍କ ବସବାସ ସୁବିଧା ଗୁଡିକୁ ସୁନିଶ୍ଚିତ କରିବା।

* ମତ୍ସ୍ୟକର୍ମୀ ମାନେ ବିଦେଶ ରାଷ୍ଟ୍ର ବନ୍ଦରାଂଚଳରେ ଚଳାଚଳ କରିବାର ଅଧିକାର ପ୍ରଦାନ କରିବା।

* ମତ୍ସ୍ୟକର୍ମୀ ମାନଙ୍କୁ ସଂଗ୍ରହ କରି ସେମନାଙ୍କୁ ନିୟୋଜିତ କରାଇବା।

* ମତ୍ସ୍ୟକର୍ମୀ ମାନଙ୍କୁ ନିୟମିତ ଭାବେ ସେମାନଙ୍କ ପାରିଶ୍ରମିକ ପ୍ରଦାନ ପାଇଁ ବ୍ୟବସ୍ଥା ଗ୍ରହଣ କରିବା।

**- ରହଣୀ ବ୍ୟବସ୍ଥା ଏବଂ ଭୋଜନ**

* ଜଳକ୍ଷେତ୍ରରେ ମାଛମରା ଡଙ୍ଗିରେ ରହୁଥିବା ମତ୍ସ୍ୟକର୍ମୀଙ୍କ ରହଣୀ ଖାଦ୍ୟ ଏବଂ ପାନୀୟ ଜଳର ବ୍ୟବସ୍ଥା।

- **ଚିକିତ୍ସା ସୁବିଧା, ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ସାମାଜିକ ନିରାପତା**

* ଚିକିତ୍ସା ବ୍ୟବସ୍ଥା ଏବଂ ସମୁଦ୍ର ମଧ୍ୟରେ ଚିକିତ୍ସା ସୁଯୋଗ ଅଧିକାର ତଥା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତଟାଂଚଳରେ ପହଂଚାଇ ଗୁରୁତର କ୍ଷତ ଏବଂ ଅସୁସ୍ଥତାର ଚିକିତ୍ସା ପାଇବାର ଅଧିକାର।

- **ଜଳକ୍ଷେତ୍ର ମାଛମରା କାର୍ଯ୍ୟରେ**

* ସେମାନଙ୍କ ବୃତିରେ ଦୁର୍ଘଟଣା, ବୃତି କ୍ଷେତ୍ରରେ ବିଭିନ୍ନ ରୋଗ ଏବଂ ସେମାନଙ୍କ କାର୍ଯ୍ୟକ୍ଷେତ୍ରରେ ଉତ୍ପନ୍ନ ଆଶଙ୍କା ସବୁର ନିରାକରଣ ସହ ଏହାକୁ ଉନ୍ନତ କରାଇବା ଓ ସୁପରିଚାଳନା କରାଇବା।

* ମାଛମରା କ୍ଷେତ୍ରରେ କିଭଳୀ ଭାବେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ଏବଂ ମାଛମରା କାର୍ଯ୍ୟ ସମ୍ପର୍କରେ ବିଶେଷ ଜ୍ଞାନ ଆହରଣ ପାଇଁ ତାଲିମ ପ୍ରଦାନ।

* ଜଳକ୍ଷେତ୍ରରେ ମାଛମରା ଡଙ୍ଗିରେ ଘଟୁଥିବା ଦୁର୍ଘଟଣା ଗୁଡିକର ବିବରଣୀ ପ୍ରଦାନ ଏବଂ ଅନୁଧ୍ୟାନ

* ମତ୍ସ୍ୟକର୍ମୀ ଏବଂ ସେମାନଙ୍କ ଉପରେ ନିର୍ଭର କରୁଥିବା ସଦସ୍ୟଙ୍କ ସାମାଜିକ ନିରାପତା, ସୁରକ୍ଷା ନେଇ ଅନ୍ୟ ଶ୍ରମିକ ପାଉଥିବା ସୁବିଧା ସୁଯୋଗ ଆଦିରୁ କୌଣସି କମ୍ କରାନଯାଇ ସର୍ଭିଙ୍କୁ ସେମାନଙ୍କ ଆବଶ୍ୟକୀୟ ନିରାପତା ଅଧିକାର ପାଇବାକୁ ସୁନିଶ୍ଚିତ କରିବା।

* କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ସମ୍ପର୍କୀତ ଅସୁସ୍ଥା, କ୍ଷତ ଓ ମୃତ୍ୟୁ କ୍ଷେତ୍ରରେ ମାଛମରା ଡଙ୍ଗିର ମାଲିକ ମାନେ ସମ୍ପୂର୍ଣ୍ଣ ଦାୟୀ ରହିବା ନେଇ ମତ୍ସ୍ୟକର୍ମୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ଚିକିତ୍ସା ସେବା ନିୟମ ଗୁଡିକୁ ସୁନିଶ୍ଚିତ କରାଇବା।

- **ଅନୁପାଳନ ଓ ପ୍ରବର୍ତନ**

* ଜଳକ୍ଷେତ୍ରରେ ମାଛମରା ଡଙ୍ଗିଗୁଡିକର କାର୍ଯ୍ୟରେ ଆଂଚଳିକ ପରିସର ନିର୍ଣ୍ଣୟ ଓ ଡଙ୍ଗିଗୁଡିକ ଉପରେ ନିୟନ୍ତ୍ରଣ ପାଇଁ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଦ୍ୱାରା ଏଗୁଡିକୁ ଅତିରିକ୍ତ ସୁବିଧାର ସୁନିଶ୍ଚିତ କରାଇବା ପାଇଁ ଫଳପ୍ରଦ ପଦକ୍ଷେପ ନେବା ଏହି ଅଧିବେଶନ ପାଇଁ ଆବଶ୍ୟକ ଥିଲା।

* ଏ ସବୁ ଉପରୋକ୍ତ ନିୟମ ଗୁଡିକ (କ) ୨୪ ମିଟର ବା ତଦୁର୍ଦ୍ଧ ଲମ୍ବର ଡଙ୍ଗି ଗୁଡିକ ପାଇଁ (ଖ) ଯେଉଁ ଡଙ୍ଗି ଗୁଡିକ ସାଧାରଣତଃ ସମୁଦ୍ରରେ ସପ୍ତାହେ ଯାଏ ରହିଥାନ୍ତି (ଗ) ଜଳକ୍ଷେତ୍ରରେ ନିୟୋଜିତ ଡଙ୍ଗି ଯେଉଁଗୁଡିକ ଜଳସୀମାର ଅନେକ ଦୂରରେ

ମାଛମରା କାର୍ଯ୍ୟ କରିଥାନ୍ତି ସେ ସବୁ କ୍ଷେତ୍ରରେ ଲାଗୁ କରାଯିବ। ଏ ସବୁ ନିୟମ ଅଧିକାଂଶ ଭାବେ ଜଳକ୍ଷେତ୍ରରେ ମାଛମରାଡଙ୍ଗିଗୁଡିକ ପାଇଁ ଲାଗୁ ହେଉଥିବା ବେଳେ ଡଙ୍ଗିରେ ରହି ମାଛମରା କାର୍ଯ୍ୟରେ ନିୟୋଜିତ ବ୍ୟକ୍ତି ଏପରିକି ରାଷ୍ଟ୍ରୀୟ କର୍ତୃପକ୍ଷ ମାନଙ୍କ ଦ୍ୱାରା ସଂଚାଳିତ ଏଭଳି କ୍ଷେତ୍ରମାନଙ୍କ ସ୍ଥଳରେ ମଧ୍ୟ ଏହି ସୁଯୋଗ ଲାଗୁ ହେବ।

## ଏହି ଅଧିବେଶନରେ କେଉଁ ପ୍ରମୁଖ ସୁପାରିଶ ଗୁଡିକ ଲକ୍ଷ୍ୟ ହାସଲ ପାଇଁ ଆବଶ୍ୟକ ହୋଇଛି ?

ଏହି ଅଧିବେଶନରେ ୩ଟି ବିଷୟରେ ୯ଟି ଭାଗରେ ବିସ୍ତୃତି ଭାବେ ୫୪ଟି ଧାରା ଗୃହୀତ କରାଯାଇଛି। ପ୍ରଥମ ଭାଗରେ ଧାରା (୧)ରେ ଏହାର ସଜ୍ଞା ଏବଂ ଧାରା (୨), (୩), (୪) ଓ (୫)ରେ ଏହାର ସୁଯୋଗ ସୁବିଧା ବିଷୟ ଉଲ୍ଲେଖ କରାଯାଇଛି।

ଏହାର ଦ୍ୱିତୀୟ ଭାଗରେ ଏ ସମ୍ପର୍କିତ ସାଧାରଣ ନିୟମ ଗୁଡିକ ତଥା କ୍ରିୟାନ୍ୱୟନ (ଧାରା-୬) ଏବଂ ଅଧିକୃତ ସଂସ୍ଥା ଓ ସମନ୍ୱୟ ଧାରା- ୭ ସମେତ ଧାରା-୮ରେ ମାଛମରା ଡଙ୍ଗିର ମାଲିକ, ଜାଲ ବିସ୍ତାରକ ଏବଂ ମତ୍ସ୍ୟକର୍ମୀ ମାନଙ୍କ ସମ୍ପର୍କରେ ବିସ୍ତାରିତ ଭାବେ ଉଲ୍ଲେଖ କରାଯାଇଛି।

ସେହିପରି ତୃତୀୟ ଭାଗରେ ଜଳକ୍ଷେତ୍ର ମାଛମରା ଡଙ୍ଗିରେ ନିୟୋଜିତ ନିମନ୍ତେ ଧାରା-୯ରେ ସର୍ବନିମ୍ନ ବୟସ ସୀମା ଏବଂ ଧାରା ୧୦,୧୧ ଓ ୧୨ରେ ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପର୍କରେ ଉପାୟ ଗୁଡିକ ସମ୍ପର୍କରେ ପ୍ରସ୍ତାବ ଗୃହୀତ କରାଯାଇଛି।

ଏହାର ୪ର୍ଥ ଭାଗରେ ନିୟୋଜନ କ୍ଷେତ୍ରରେ ଅବସ୍ଥା ଏବଂ ୫ ମ ଭାଗରେ ଧାରା ୨୫,୨୬, ୨୭ ଓ ୨୮ରେ ରହଣୀ ଓ ଖାଦ୍ୟପେୟ ସମ୍ପର୍କରେ ଉଲ୍ଲେଖ ଥିବା ବେଳେ ୬ଷ୍ଠ ଭାଗରେ ଚିକିତ୍ସା ସୁବିଧା, ସ୍ୱାସ୍ଥ୍ୟସୁରକ୍ଷା ଏବଂ ସାମାଜିକ ନିରାପତା ଉପରେ ସୁପାରିଶ ସବୁ ଗ୍ରହଣ କରାଯାଇଛି। ତେବେ ଏହାର ୪ର୍ଥ ଏବଂ ୬ଷ୍ଠ ଭାଗରେ ଦୀର୍ଘ ଧାରାଗୁଡିକୁ ଅଧିବେଶନରେ ଗୃହୀତ କରାଯାଇଛି। ଭାଗ ୪ରେ କାର୍ଯ୍ୟକ୍ଷେତ୍ରରେ ପ୍ରକାର ବିଷୟରେ ଏବଂ ବିଶ୍ରାମ ସମୟ ସମ୍ପର୍କରେ ଧାରା (୧୩) ଓ (୧୪) ରେ ଉଲ୍ଲେଖ ହୋଇଥିବା ବେଳେ ଧାରା ୧୫ରେ ଜଳଯାତ୍ରୀ ପୋତ ବା ଜାହାଜର କର୍ମଚାରୀଙ୍କ ତାଲିକା, ମତ୍ସ୍ୟକର୍ମୀଙ୍କ କାର୍ଯ୍ୟ ନେଇ ନିର୍ଦ୍ଦିଷ୍ଟ ଚୁକ୍ତିନାମାକୁ ଧାରା

୧୬,୧୭,୧୮, ୧୯ ଓ ୨୦ରେ ଉଲ୍ଲେଖ ହୋଇଅଛି। କାର୍ଯ୍ୟକ୍ଷେତ୍ରରେ ବଦଳ ନିଯୁକ୍ତି ପାଇଁ ଶ୍ରମିକ ସଂଗ୍ରହ ଏବଂ ନିୟୋଜନ ବିଷୟରେ ଧାରା (୨୨)ରେ ଉଲ୍ଲେଖ ହୋଇଅଛି। ଏବଂ ମତ୍ସ୍ୟକର୍ମୀଙ୍କ ପାରିଶ୍ରମିକ ପ୍ରଦାନ ବିଷୟ ଧାରା (୨୩) ଓ (୨୪)ରେ ବର୍ଣ୍ଣନା ରହୀଛି। ଏହାର ୬ଷ୍ଠ ଭାଗରେ ଚିକିତ୍ସା ସୁବିଧା ବିଷୟ ଧାରା (୨୯) ଓ (୩୦)ରେ ଉଲ୍ଲେଖ କରାଯାଇଥିବା ବେଳେ ବୃତିକ୍ଷେତ୍ରରେ ନିରାପତା, ସ୍ୱାସ୍ଥ୍ୟ ଏବଂ ଦୂର୍ଘଟଣା ପ୍ରତିରୋଧ ବ୍ୟବସ୍ଥା ବିଷୟ ଧାରା (୩୧), (୩୨) ଓ (୩୩) ରେ ଲିପିବଦ୍ଧ କରାଯାଇଛି। ସାମାଜିକ ନିରାପତା ବିଷୟରେ ଧାରା ୩୪, ୩୫, ୩୬ ଓ ୩୭ରେ ଉଲ୍ଲେଖ କରାଯାଇଥିବା ବେଳେ କାର୍ଯ୍ୟରେ ନିୟୋଜିତ ସମ୍ପର୍କିତ ଅସୁସ୍ଥତା, କ୍ଷତ ଅଥବା ମୃତ୍ୟୁ ବିଷୟରେ ସୁରକ୍ଷା ବ୍ୟବସ୍ଥା ବିଷୟରେ ଧାରା ୩୮ ଓ ୩୯ରେ ଉଲ୍ଲେଖ କରାଯାଇଛି।

ଏହାର ୭ମ ଭାଗରେ ଅତିରିକ୍ତ ସୁବୀଧା ଏବଂ ନିୟମ ଗୁଡିକର କ୍ରିୟାନ୍ୱୟନ ବିଷୟକୁ ଧାରା ୪୦,୪୧,୪୧, ୪୩ ଓ ୪୪ରେ ଦର୍ଶାଯାଇଛି। ସେହିପରି ୮ମ ଭାଗରେ ଆବଶ୍ୟକୀୟ ପ୍ରଥମ ଓ ଦ୍ୱିତୀୟ ସଂଶୋଧନରେ ମତ୍ସ୍ୟକର୍ମୀଙ୍କ କାର୍ଯ୍ୟ ବିଷୟକ ଚୁକ୍ତିନାମା ବିଷୟ ଏବଂ ତୃତୀୟ ସଂଶୋଧନରେ ମାଛମରା ପୋତରେ ରହଣୀ ବ୍ୟବସ୍ଥା ନେଇ ବ୍ୟବସ୍ଥା କରାଯାଇଛି। ଅଧିବେଶନରେ ଗୃହୀତ ପ୍ରସ୍ତାବ ସମ୍ୟହର ୯ମ ଭାଗରେ ଚୁଡାନ୍ତ ନିୟମ ଗୁଡିକ ଉଲ୍ଲେଖ କରାଯାଇଛି।

## ମତ୍ସ୍ୟଧରା କ୍ଷେତ୍ର କାର୍ଯ୍ୟ ବିଷୟକ ଅଧିବେଶନ-୨୦୦୭ର ଢାଂଚା କ'ଣ?

ମତ୍ସ୍ୟଧରା କ୍ଷେତ୍ର କାର୍ଯ୍ୟ ବିଷୟକ ଅଧିବେଶନ-୨୦୦୭ରେ ଦୁଇସ୍ତରୀୟ ଢଂାଚା ରହିଅଛି। ଗୋଟିଏ ପଟରେ (୧) ୨୪ମିଟର ଓ ତଦୁର୍ଦ୍ଧ ପୋତ ପାଇଁ (୨) ଦ୍ୱିତୀୟରେ ୭ଦିନ ବା ତଦୁର୍ଦ୍ଧ ସମୁଦ୍ରରେ ରହୁଥିବା ପୋତଗୁଡିକ ଅଥବା (୩) ତୃତୀୟ ସମୁଦ୍ର ତଟରୁ ୨୦୦ ମାଇଲ ବା ତୁଦୁର୍ଦ୍ଧ ସଳଖ ଦୂରରେ ଅଥବା (୪) ରାଷ୍ଟ୍ରୀୟ ଜଳସୀମା ବାହାରେ ଚଳାଚଳ କରୁଥିବା ପୋତଗୁଡିକ ବିଷୟ ଏବଂ (୫) ଏଭଳି ପୋତ ଗୁଡିକରେ ନିୟୋଜିତ କର୍ମଚାରୀଙ୍କ ପ୍ରସଙ୍ଗ ରହିଛି। ଅନ୍ୟ ପକ୍ଷରେ ଅନ୍ୟାନ୍ୟ ମାଛଧରା ପୋତ ଗୁଡିକ ସମ୍ପର୍କରେ ବିଭିନ୍ନ ଧରଣର ସମସ୍ୟା ଗୁଡିକ ଅଧିବେଶନ ନିୟମ ଅନ୍ତର୍ଗତ ନିରାକରଣ ସୁଯୋଗ ସହ ଏ ସବୁ ମାଛଧରା ପୋତର ମତ୍ସ୍ୟକର୍ମୀ ପ୍ରସଙ୍ଗ ସ୍ଥାନିତ

ହୋଇଛି । ତେବେ ଏ ସବୁ ବିଷୟରେ ସମ୍ପୃକ୍ତ ରାଷ୍ଟ୍ରୀୟ ସଭ୍ୟମାନେ ନିଜେ କିଭଳି ଏ ନେଇ ଆଇନ ପ୍ରଣୟନ କରିବେ ଅଥବା ଅନ୍ୟ ପଦକ୍ଷେପ ନେଇ ଅଧିବେଶନର ସୁପାରିଶକୁ ଲାଗୁ କରାଇବେ ତାହା ତାଙ୍କ ଉପରେ ଛାଡି ଦିଆଯାଇଛି । ରାଷ୍ଟ୍ରୀୟ ସଭ୍ୟମାନେ ମାଛମରା ପୋତ ଗୁଡିକର ପ୍ରକାର ଭେଦ ଗୁଡିକୁ ନିଜେ ସ୍ଥିର କରିବା ସହ କୌଳିକ ବୃତିଧାରୀ ଏବଂ କ୍ଷୁଦ୍ର ମତ୍ସ୍ୟକର୍ମୀ ମାନେ ମାଛଧରା ଶ୍ରମ ମାନର ଉନ୍ନତି ନେଇ କି ସୁପାରିଶ ଗ୍ରହଣ କରିବେ ତାହା ସେ ନିଜେ ସ୍ଥିର କରିବା ଆବଶ୍ୟକ । ପୁନଶ୍ଚ ଏକ ଫଳପ୍ରଦ ଲକ୍ଷ୍ୟରେ ଲାଗୁ କରାଯିବା ପାଇଁ ମାଛମରା ପୋତ ଗୁଡିକ ବିଷୟରେ ଥିବା ନିୟମ ଉପରେ ଉପାୟ ସ୍ଥିର କରାଯାଇଛି ।

## ପ୍ରଗତିଶୀଳ ଭାବରେ କାର୍ଯ୍ୟକାରୀ କରାଯିବାର ଉପାୟ ସବୁ କ' ଣ ?

ଯଦିଓ 'ପ୍ରଗତିଶୀଳ ଭାବେ ଲାଗୁ କରାଯିବା' ଉପାୟ ବିଷୟରେ କୌଣସି ପରିଭାଷା ନିରୂପିତ ହୋଇନାହିଁ, ତଥାପି ଏଥିରୁ ଜଣାଯାଏ ଯେ, ବିଭିନ୍ନ ଦେଶ ଏହି ନିର୍ଦ୍ଦିଷ୍ଟ ଅଧିବେଶନର ପ୍ରମୁଖ ଧାରାଗୁଡିକ କାର୍ଯ୍ୟକାରୀ କରାଇବାରେ ଅନୁମତି ଦେବାର ଉପାୟ ଦୀର୍ଘକାଳ ପରେ କରାଯାଇଛି ।

ଏହି ଅଧିବେଶନ ଏକ ସମୁନ୍ନତ କାର୍ଯ୍ୟକାରୀତା ପାଇଁ ଏହି ଧାରା ଅନ୍ତର୍ଗତ ମାଛମରା ପୋତ ଯାହାକି (୧) ୨୪ ମିଟର ବା ଚତୁର୍ଦ୍ଧ ଲମ୍ବର ପୋତ (୨) ଅଳ୍ପ ସମୟ ପାଇଁ ଜଳଯାତ୍ରାରେ ଯାଉଥିବା ପୋତ ଯେ କି ୭ ଦିନରୁ କମ୍ ଦିନ ପାଇଁ ମାଛମରା ପାଇଁ ଯାଆନ୍ତି ଏବଂ (୩) ଯେଉଁ ପୋତ ଗୁଡିକ ଗଭୀର ସମଦ୍ରରେ ମାଛମରା କାମ କରନ୍ତି ନାହିଁ ଏବଂ ସେଥିରେ ନିୟୋଜିତ ଲୋକଙ୍କ ବିଷୟକୁ ସ୍ଥାନିତ କରାଯାଇଛି । ଏହି ସମୁନ୍ନତ କ୍ରିୟାନୁଷ୍ଠାନରେ ତାରତମ୍ୟ ନିମ୍ନ ଆବଶ୍ୟକତା ଆଶା କରେ ଯାହାକି (୧) ଜଣେ ମତ୍ସ୍ୟକର୍ମୀ ଜଳକ୍ଷେତ୍ରରେ ପୋତରେ ଯିବାକୁ ହେଲେ ଉପରୋକ୍ତ ୩ଟି କ୍ଷେତ୍ର ମଧ୍ୟରୁ କେଉଁଥିରେ ଯିବେ ଏପରିକି ୨୪ ମିଟର ଲମ୍ବର ଓ ତଦୁର୍ଦ୍ଧ ପୋତ ଯେ କି ୭ ଦିନରୁ  କମ୍ ସମୟ ସମୁଦ୍ର ରହେ ସେଥିରେ ସାମିଲ ପାଇଁ ବ୍ୟକ୍ତିଙ୍କ ଚଳନ୍ତି ମେଡିକାଲ ପ୍ରମାଣପତ୍ରରେ ଉପଯୁକ୍ତ ସମର୍ଥ ବ୍ୟକ୍ତି ଥିବାର ସହି ମୋହର ପ୍ରମାଣପତ୍ର ନକଲ (୨) ମାଛଧରା ପୋତ ଜଳଯାତ୍ରାରେ ଥିବା ସମସ୍ତ କର୍ମଚାରୀଙ୍କ ତାଲିକ (୩) ମାଛମରା ପୋତ ମାଲିକ ଓ ଜଳଯାତ୍ରା ମାଛଧରା ଢଙ୍ଗରେ ନିୟୋଜିତ ପ୍ରତ୍ୟେକ

କର୍ମଚାରୀଙ୍କ ମଧ୍ୟରେ କେ କାର୍ଯ୍ୟ ସମ୍ପର୍କୀତ ଲିଖିତ ଚୁକ୍ତିନାମା ଯେଉଁଥିରେ ଉଭୟ ମତ୍ସ୍ୟକର୍ମୀ ଓ ପୋତ ମାଲିକ ସ୍ୱାକ୍ଷର କରି ରହଣୀ ବେଳେ ସୁନ୍ଦର କାର୍ଯ୍ୟ ଓ ରହଣୀ ବ୍ୟବସ୍ଥାକୁ ସୁନିଶ୍ଚିତ କରିଥିବେ । (୪) କାର୍ଯ୍ୟକ୍ଷେତ୍ରରେ ସଙ୍କଟ ସ୍ଥିତିର ଉନ୍ନତୀକରଣରେ ମତ୍ସ୍ୟକର୍ମୀଙ୍କ ସହଭାଗିତା ଏବଂ  କାର୍ଯ୍ୟରେ ନିୟୋଜଜିତ ଥିବା ମତ୍ସ୍ୟକର୍ମୀଙ୍କ ଅସୁସ୍ଥତା, ଆଘାତ କିମ୍ବା ମୃତ୍ୟୁକ୍ଷେତ୍ରରେ ଚିକିତ୍ସା ଏବଂ କ୍ଷତିପୂରଣ ସହ କାର୍ଯ୍ୟକ୍ଷେତ୍ରରେ ଦୁର୍ଘଟଣା ଏବଂ ରୋଗ ଆଦିରେ ମାଛଧରା ପୋତର ମାଲିକଙ୍କ ଠାରୁ ଏକ ନିର୍ଦ୍ଦିଷ୍ଟ ଧାରାରେ ପ୍ରାପ୍ୟ ପାଇବା ଅଥବା ବାଧ୍ୟତାମୂଳକ ବୀମାଭୁକ୍ତ କରାଇ ମତ୍ସ୍ୟକର୍ମୀଙ୍କୁ ଅନ୍ୟସ୍ଥଳରୁ ମତ୍ସ୍ୟକର୍ମୀଙ୍କୁ କ୍ଷତିପୂରଣ ଦେବାକୁ ଆନ୍ତର୍ଜାତିକ ଶ୍ରମ ସଂଗଠନ ସଭ୍ୟମାନେ ବ୍ୟବସ୍ଥା ଗ୍ରହଣ  କରିବା ।

ଏକ ସମୁନ୍ନତ କାର୍ଯ୍ୟକାରିତା ପ୍ରକ୍ରିୟାରେ ସମ୍ପୃକ୍ତ ୩ଟି ଶ୍ରେଣୀର ମତ୍ସ୍ୟପୋତ ମାଲିକମାନେ ମଧ୍ୟ ଲାଭବାନ ହେବେ । ଏହା ବିଭିନ୍ନ ଦେଶ ଗୁଡିକ ମଧ୍ୟ ମତ୍ସ୍ୟକର୍ମୀ ଅଧିବେଶନ କାର୍ଯ୍ୟସମୂହ– ୨୦୦୭ରେ ଗ୍ରହଣ କରି ଏହାକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅଧିବେଶନର ସୁପାରିଶ ଗୁଡିକୁ ଲାଗୁ କରିବେ । ଏହିଭଳି ମନୋଭାବ ଆଶା କରାଯାଏ ଯଦ୍ୱାରା ଅଧିବେଶନର ପୁଷ୍ଟି ବ୍ୟାପକ ହୋଇପାରିବ ଏବଂ କେତେକ ଦେଶରେ ଭିତିଗତ ଏବଂ ଆନୁଷ୍ଠାନିକ ଦୁର୍ବଳତା ବିଷୟ ଗୁଡିକ ଏହି ଅଧିବେଶନର ଆଲୋଚନା ଦୃଷ୍ଟିରୁ ଏହାର ରୂପାୟନ କ୍ଷେତ୍ରରେ ଅସୁବିଧା ଦୂର ହୋଇପାରିବ ।

# କୌଳିକ ବୃତିଧାରୀ ଏବଂ କ୍ଷୁଦ୍ର-ମତ୍ସ୍ୟଧରା କ୍ଷେତ୍ର


ବୃହତ୍ ମତ୍ସ୍ୟଧରା କ୍ଷେତ୍ର
କ୍ଷୁଦ୍ର ମତ୍ସ୍ୟଧରା କ୍ଷେତ୍ର

## କ୍ଷୁଦ୍ର ମାଛଧରା କ୍ଷେତ୍ରରେ ମଧ୍ୟ ଶ୍ରମର ମାନ ଉପରେ ଆଲୋଚନା ଗୁରୁତ୍ୱପୂର୍ଣ୍ଣ କାହିଁକି ?

ମତ୍ସ୍ୟଧରା କ୍ଷେତ୍ରରେ ୧୯୬୦ ମସିହା ଠାରୁ ବୈଷୟିକ କୌଶଳର ଉନ୍ନତି ଆସିବା ଯୋଗୁ ମତ୍ସ୍ୟଧରାର ପୋତ ଏବଂ ମତ୍ସ୍ୟଧରା ପ୍ରକ୍ରିୟାରେ ବିସ୍ତୃତ ଯାନ୍ତ୍ରିକ କୌଶଳ କରାଯାଇଛି। ଏହି ପ୍ରକ୍ରିୟା କ୍ଷୁଦ୍ର ଧରଣର ଏବଂ କୌଳିକ ବୃତି ଭାବେ ମାଛଧରା ଡଙ୍ଗି କ୍ଷେତ୍ରକୁ ସେମାନଙ୍କ ମାଛଧରା କାର୍ଯ୍ୟକୁ ବିସ୍ତାରିତ ହୋଇଛି। ଫଳରେ ଏକ ଉଲ୍ଲେଖ ଯୋଗ୍ୟ ପରିବର୍ତନ ବା ପରିବର୍ତନର ଆବଶ୍ୟକତା କ୍ଷୁଦ୍ର ଧରଣର ମାଛମରା ଡଙ୍ଗି ବ୍ୟବହାର କରୁଥିବା ଲୋକଙ୍କ କାର୍ଯ୍ୟଶୈଳୀ ଓ ଜୀବନ ଧାରଣର କ୍ଷେତ୍ରରେ ଦେଖାଯାଇଛି।

ସାମୁଦ୍ରିକ ତଟକ୍ଷେତ୍ରରୁ ୨ଶହ ସଲଖ ମାଇଲ୍ ଯାଏ ଅର୍ଥନେତିକ ନିଷେଧ କ୍ଷେତ୍ର ବା ମାଛଧରା ନିଷେଧକ୍ଷେତ୍ର ଭାବେ ବିଭିନ୍ନ ସମୁଦ୍ରତଟ ରାଜ୍ୟ ମାନଙ୍କ ଦ୍ୱାରା ୧୯୭୦ ମସିହା ଠାରୁ ଘୋଷଣା ହେବା ସହ ସାମୁଦ୍ରିକ ଯାତାୟତ ଏବଂ ମାଛଧରା କୌଶଳରେ ଅଗ୍ରଗତି ଘଟୀଛି। ଯାହାକି ତଟବର୍ତୀ ସେ ସବୁ ଅଂଚଳରେ ବୃହତ୍ ଓ କ୍ଷୁଦ୍ର ଧରଣର ମାଛଧରା ଡଙ୍ଗି ଗୁଡିକରେ ମାଛଧରା ପାଇଁ ଆଶାତୀତ ବିସ୍ତାର ଘଟିଛି। ଛୋଟ ଛୋଟ ପୋତ ସବୁ ଜଳଯାତ୍ରାର ସରଞ୍ଜାମ ବ୍ୟବହାର କରି ଏବେ ଦୂରବର୍ତୀ ସ୍ଥାନକୁ ଦିନ ଦିନ ଧରି ମାଛ ଧରା କାର୍ଯୟରେ କରିପାରୁଛନ୍ତି। ଯଦ୍ୱାରା କାର୍ଯ୍ୟ କରିବା ଓ ବସବାସ ଦିଗରେ ଉନ୍ନତି ବିଷୟ ବୃହତ୍ ଧରଣର ମାଛଧରା ପୋତ ତୁଳନାରେ କ୍ଷୁଦ୍ର ଧରଣର ମାଛଧରା ଡଙ୍ଗିଗୁଡିକ ପକ୍ଷରେ ଲକ୍ଷ୍ୟଚ୍ୟୁତ ହୋଇଛି। ଜିଲ୍ଲା ନିଯୁକ୍ତି ଦାତା ଓ କର୍ମୀଙ୍କ ମଧ୍ୟରେ ବୁଝାମଣା ସବୁ ୨୪ ମିଟରରୁ କମ୍ ଲମ୍ବ ଡଙ୍ଗି ଗୁଡିକ ମଧ୍ୟ ମାଛଧରା କାମରେ କରୁଥିବା ଦେଖାଯାଇଛି। ଏଣୁ କେତେକ ମାଛଧରା କାର୍ଯ୍ୟ ଏକ ଶିଳ୍ପ ଦ୍ୱାରା ଉତ୍ପାଦନ ଭଳି ଗତି କରୁଛି।

ଏଣୁ ଏହା ନିଶ୍ଚିତ ଯେ ନିର୍ଦ୍ଦିଷ୍ଟ କେତେକ ବିକାଶଶୀଳ ରାଷ୍ଟ୍ରରେ ମତ୍ସ୍ୟକ୍ଷେତ୍ରରେ କ୍ଷୁଦ୍ର ଧଣର ମତ୍ସ୍ୟଧରାରେ ଶ୍ରମର ସ୍ଥିତିକୁ ମତ୍ସ୍ୟ ଅଧିବେଶନ କାର୍ଯ ୨୦୦୭ ଅଧିବେଶନ ନିରାକରଣ କରିପାରିବ। ଏଣୁ ଏଠାରେ ସ୍ୱଷ୍ଟ ଭାବେ ମାଛଧରା କ୍ଷେତ୍ରରେ କାର୍ଯ୍ୟକରିବା ଓ ବଂଚିବା ଅବସ୍ଥା ଦିଗରେ ବିଶ୍ୱବ୍ୟାପୀ ଏକ ନ୍ୟାୟଗତ କାର୍ଯ୍ୟପନ୍ଥା ଲାଗୁ କରିବା ଆବଶ୍ୟକ ହୋଇଛି।

# କୌଳିକ ବୃତିଧାରୀ ଏବଂ କ୍ଷୁଦ୍ର ମତ୍ସ୍ୟଧରାକ୍ଷେତ୍ର ମତ୍ସ୍ୟଜୀବୀ ସମେତ ମାଛଧରା ଡଙ୍ଗି ଏହି ମତ୍ସ୍ୟଧରାକ୍ଷେତ୍ର କାର୍ଯ୍ୟ ବିଷୟକ ଅଧିବେଶନ-୨୦୦୭ ଦ୍ୱାରା କିପରି ଲାଭବାନ ହେବେ ?

ଯଦିଓ ମତ୍ସ୍ୟକ୍ଷେତ୍ର କାର୍ଯ୍ୟସମୂହ ଅଧିବେଶନ-୨୦୦୭ ନିର୍ଦ୍ଦିଷ୍ଟ ଭାବେ କୌଣସି ବୃହତ୍ ଧରଣ କିମ୍ବା କ୍ଷୁଦ୍ର ଧରଣ ଅଥବା କୌଳିକ ମତ୍ସ୍ୟକର୍ମୀ ଅଥବା ମାଛଧରା ଡଙ୍ଗି ବିଷୟର ଆଦି ପ୍ରସଙ୍ଗ ଉର୍ଦ୍ଧ୍ୱରେ କୌଣସି ବାଦ ଦେଇ ବ୍ୟତିକ୍ରମ ଅଥବା ଅପ୍ରାସଙ୍ଗିକ କରାନଯାଇ ମାଛଧରା ପ୍ରକ୍ରିୟାର ସମଗ୍ର ଦିଗକୁ ପ୍ରସଙ୍ଗ କରାଯାଇଛି । ଏହି ଅଧିବେଶନରେ କ୍ଷୁଦ୍ରଧରଣର ମାଛଧରା ପୋତ କ୍ଷେତ୍ର କିଭଳି ସାମଗ୍ରିକ ଲାଭ ପାଇପାରିବ ତହିଁର ଉପାୟ ଗୁଡିକ ଅନ୍ତର୍ଭୁକ୍ତ ହୋଇଛି । ସେଗୁଡିକ ହେଲା-

- ସର୍ବନିମ୍ନ ବୟସ ସୀମା
- ଚିକିତ୍ସାଳୟ ପରୀକ୍ଷା
- ପୋତ କର୍ମଚାରୀଙ୍କ ତାଲିକା
- ନିୟମିତ ବିଶ୍ରାମ ଅବଧି
- କାର୍ଯ୍ୟର ଚୁକ୍ତିନାମା
- ନିୟମିତ ପାରିଶ୍ରମିକ ପ୍ରଦାନ
- ମାଛଧରା ପୋତରେ ଥିବା ବେଳେ ବାସସ୍ଥଳ, ଖାଦ୍ୟ ଓ ପାନୀୟ ଭଣ୍ଡାର ବ୍ୟବସ୍ଥା ।
- ମାଛଧରା ପୋତରେ ଥିବା ମତ୍ସ୍ୟକର୍ମୀର ଆବଶ୍ୟକ ଥିବା ପ୍ରଦାନ ପାଇଁ ଯୋଗାଣ ସମ୍ପନ୍ନ ଅଥବା ପ୍ରାଥମିକ ଚିକିତ୍ସା କରିବାକୁ ପ୍ରଶିକ୍ଷିତ ବ୍ୟକ୍ତି ସମେତ ଚିକିତ୍ସା ଯନ୍ତ୍ରପାତି ଓ ଚିକିତ୍ସା ଯୋଗାଣ ।
- ତଟ ଅଂଚଳରେ ଚିକିତ୍ସା ସେବା ପାଇବାର ଅଧିକାର ।
- ମାଛଧରା ପୋତରେ ଥିବା ବେଳେ ବୃତିଗତ କାର୍ଯ୍ୟରେ ଦୂର୍ଘଟଣା ବୃତିଗତ କାର୍ଯ୍ୟରେ ଗୋଗ କାର୍ଯ୍ୟକ୍ଷେତ୍ରରେ ସଙ୍କଟର ପ୍ରତିରୋଧ ବ୍ୟବସ୍ଥା ।
- ମତ୍ସ୍ୟଜୀବିଙ୍କୁ ବିଭିନ୍ନ ପ୍ରକାର ମାଛମରା କାର୍ଯ୍ୟର ପ୍ରକ୍ରିୟାକୁ ତୁଳାଇବାକୁ ପ୍ରଶିକ୍ଷଣ ।

- ମାଛଧରା ପୋତରେ ଥିବା ବେଳେ ଦୂର୍ଘଟଣା ଗୁଡିକ ନେଇ ବିବରଣୀ ଏବଂ ତଦନ୍ତ ସ୍ୱାସ୍ଥ୍ୟ ସୁରକ୍ଷା ଓ ଚିକିତ୍ସା ସେବା ପ୍ରଦାନ।
- ସାମାଜିକ ସୁରକ୍ଷା

ଯାହା ହେଉ କୌଳିକ ବୃତିଧାରୀ ଏବଂ କ୍ଷୁଦ୍ର ଧରଣର ମାଛଧରା କାର୍ଯ୍ୟ ଉପରୋକ୍ତ ବ୍ୟବସ୍ଥା ଗୁଡିକ ଦ୍ୱାରା ଲାଭ ପାଇ ପାରିବେ କିନ୍ତୁ ଏ ସବୁ ସତ୍ୱେ କେଉଁଠି ହେଉ କି ନ ହେଉ କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀର କ୍ଷୁଦ୍ର ମାଛମରା କାର୍ଯ୍ୟ ଏହି ଅଧିବେଶନରେ ଉପସ୍ଥାପିତ କରାଯାଇଛି। ଏହି କ୍ଷୁଦ୍ର ଶ୍ରେଣୀ କାର୍ଯ୍ୟକୁ ଏହି ଅଧିବେଶନରେ ଉପସ୍ଥାପିତ କରାଯାଇଚି। ଏହି କ୍ଷୁଦ୍ର ଶ୍ରେଣୀ ଯେଭଳି ଅଧିବେଶନ ଦ୍ୱାରା ଫଳପ୍ରଦ ଭାବେ ଲାଭ ପାଇପାରିବେ ତାହା ରାଷ୍ଟ୍ରୀୟ ସ୍ତରରେ ସଙ୍କଳ୍ପବଦ୍ଧ ହେବେ।

## ମତ୍ସ୍ୟକର୍ମୀ କାର୍ଯ୍ୟ ବିଷୟକ ଅଧିବେଶନ-୨୦୦୭ର କାର୍ଯ୍ୟ ସମୂହ ସମସ୍ତ ପ୍ରକାର ମତ୍ସ୍ୟକର୍ମୀ ଓ ମାଛଧରା ଡଙ୍ଗା ଆଦି ପ୍ରସଙ୍ଗକୁ ପରିସରଭୁକ୍ତ କରିଛି କି ?

ମତ୍ସ୍ୟକ୍ଷେତ୍ର କାର୍ଯ୍ୟ ବିଷୟକ ଅଧିବେଶନ ୨୦୦୭ରେ ପ୍ରଥମେ ମତ୍ସ୍ୟକର୍ମୀର ସଜ୍ଞା ବୁଝାଗଲା ଯେ, ଯେକୌଣସି ବ୍ୟକ୍ତି ନିଯୁକ୍ତି ଅଥବା ନିୟୋଜିତ ହୋଇ ଯେକୌଣସି ଭାବେ ମାଛଧରା କାର୍ଯ୍ୟରେ ସଂଶ୍ଲିଷ୍ଟ ଥାଏ କିମ୍ବା ମାଛଧରା ଡଙ୍ଗାରେ ସଂଶ୍ଲିଷ୍ଟ ଥାଏ, ଏପରିକି ମାଛଧରା ଡଙ୍ଗାରେ ପାରିଶ୍ରମିକ ଭାବେ ହେଉ କି ମାଛଧରା କାର୍ଯ୍ୟରେ ଅଂଶୀଦାର ଭାବେ ସଂଶ୍ଲିଷ୍ଟ ହେଉ କିମ୍ବା ଆତ୍ମନିଯୁକ୍ତି ହେଉ ସେମାନଙ୍କୁ ମତ୍ସ୍ୟକର୍ମୀ କୁହାଯିବ। ଏଣୁ ଅନ୍ୟମାନଙ୍କ ମଧ୍ୟରେ କେବଳ ମତ୍ସ୍ୟଧରା କର୍ମୀ ନୁହଁନ୍ତି ଆହୁରି ମଧ୍ୟ ମାଛଧରା ଡଙ୍ଗାରେ ମାଛ ପ୍ରକ୍ରିୟାକରଣରେ ନିୟୋଜିତ କର୍ମୀମାନେ ଅଧିବେଶନରେ ନିଷ୍ପତି ହୋଇଥିବା ସୁଯୋଗର ଅନ୍ତର୍ଭୁକ୍ତ ହେବେ। ଏହି ଅଧିବେଶନରେ ସ୍ଥଳ ଭାଗରେ ମାଛଚାଷ କାର୍ଯ୍ୟ ଏବଂ କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀର ମତ୍ସ୍ୟକର୍ମୀ ଅଥବା ସାମୁଦ୍ରିକ ମାଛଧରାରେ ନିୟୋଜିତ ନିର୍ଦ୍ଦିଷ୍ଟ ଶ୍ରେଣୀର କିଛି ମାଛଧରା ପୋତ ଯାହାକି କେତେକ ଦୃଷ୍ଟିରୁ ମାଛଧରା ପୋତର ଲମ୍ବ ସମୁଦ୍ରରେ ମାଛଧରା କାର୍ଯ୍ୟରେ ନିୟୋଜିତ ସମୟ ଅବଧି, ମାଛଧରା କାର୍ଯ୍ୟ କରୁଥିବା ଅଂଚଳର ପରିସର ଏବଂ ମାଛଧରା କାର୍ଯ୍ୟର


ଡବ୍ଲ୍ୟୁଏଫ୍‌ସି’ ୦୭
ଚିକିତ୍ସା ସେବା
ସମୁଦ୍ର ତଟବର୍ତ୍ତୀ
ମତ୍ସ୍ୟକର୍ମୀ
ସେବାର ସର୍ତ୍ତ

ପ୍ରକାରକୁ ଭିତି କରି ବାଦ ଦିଆଯାଇଛି । ଏମିତି ବି ଯଦିଓ ପୋତ ଗୁଡ଼ିକ ୨୪ ମିଟରରୁ କମ୍ ଲମ୍ୱ ବିଶିଷ୍ଟ ଥିଲେ ମଧ୍ୟ ଯଦି ସମୁଦ୍ର ଭିତରେ ୭ ଦିନରୁ ଉର୍ଦ୍ଧ୍ୱ ରହି ମାଛ ଧରା କାର୍ଯ୍ୟରେ ରହନ୍ତି ଅଥବା ୨ଶହ ବଟିକାଲ ମାଇଲ ଉର୍ଦ୍ଧ୍ୱ ସମୁଦ୍ରରେ ଥାନ୍ତି କିମ୍ୱା ରାଷ୍ଟ୍ରୀୟ ସୀମା ବାହାରେ ଥାନ୍ତି ତେବେ ସେ ସବୁକୁ ଏବଳି ବାଦ୍ ଦିଆଯାଇପାରିବ ନାହିଁ ।

## ସମୁଦ୍ର ତଟବର୍ତୀ ମାଛଧରା କାର୍ଯ୍ୟଗୁଡ଼ିକରେ ସାମିଲ ଲୋକଙ୍କ ପାଇଁ ମତ୍ସ୍ୟଧରା କାର୍ଯ୍ୟ ବିଷୟକ ଅଧିବେଶନ-୨୦୦୭ କିପରି ଲାଭାନ୍ୱିତ କରିବ ?


ମତ୍ସ୍ୟଧରା କ୍ଷେତ୍ରରେ କାର୍ଯ୍ୟ ସମ୍ୱନ୍ଧୀୟ ପ୍ରତିନିଧି ସଭା-୨୦୦୭ରେ ମତ୍ସ୍ୟକର୍ମୀର ପରିଭାଷା ଭିତରେ ଏଭଳି ଲୋକଙ୍କୁ ବାଦ୍ ଦିଆଯାଇଛି । ଯେଉଁମାନେ ସମୁଦ୍ର ତଟବର୍ତୀ ଅଂଚଳ ମଧ୍ୟରେ ସାଧାରଣତଃ ବିନା ଡଙ୍ଗିରେ ମାଛଧରା କାର୍ଯ୍ୟ କରୁଥିବା ବୁଡ଼ାଳି, ଜାଲ ଫିଙ୍ଗି ମାଛ ଧରୁଥିବା ଲୋକ, ସମୁଦ୍ରକୂଳ ଢେଉରୁ ଭସାଜାଲରେ ମାଛ ଧରୁଥିବା ଲୋକ, ସମୁଦ୍ର କୂଳେ କୂଳେ ଜାଲ ଟାଣି ଟାଣି ମାଛ ଧରୁଥିବା ଲୋକ ଏବଂ ସମୁଦ୍ରକୂଳ ବର୍ତି ସ୍ଥାନରେ ଅନ୍ୟ ସବୁ କାର୍ଯ୍ୟ ଜାରୀ ରଖିଥିବା ଲୋକ ସମେତ ଯେଉଁମାନେ ସମୁଦ୍ରକୂଳ ସ୍ଥଳ ଭାଗ ଜୁଆରିଆ କ୍ଷେତ୍ରରେ ଖାଲି ପାଦରେ ମାଛ ଧରିଥାନ୍ତି ଯଦିବା ସେମାନେ ପୁର୍ଣ୍ଣକାଳୀନ ହୋଇଥାନ୍ତି । ଏପରିକି ଯଦିବା ସେମାନେ ନିର୍ଦ୍ଦିଷ୍ଟ ନିଯୁକ୍ତିକାରୀ ଏବଂ ମୂଲିଆ ଶ୍ରେଣୀର ହୋଇଥାନ୍ତି ।

## ସମୁଦ୍ର ତଟବର୍ତୀ ମତ୍ସ୍ୟକର୍ମୀଙ୍କ ପାଇଁ ମତ୍ସ୍ୟଧରା କାର୍ଯ୍ୟ ବିଷୟକ ଅଧିବେଶନ-୨୦୦୭ ଅନ୍ତର୍ଗତ ମତ୍ସ୍ୟକର୍ମୀଙ୍କୁ ଲାଭ ଅନୁରୂପ ଲାଭ ପହଂଚାଇବା ନିଶ୍ଚିତ କରିବାକୁ ଗଣ ସଂଗଠନ ଓ ମତ୍ସ୍ୟକର୍ମୀ ଗୁଡ଼ିକ କ'ଣ କରିପାରିବେ ?

ଅନ୍ୟ ସବୁ ବିଷୟ ବାଦ୍ ଜାତୀୟ ସ୍ତରରେ ପ୍ରଚାର ହେବା ଆବଶ୍ୟକ ଯଦ୍ୱାରା ସରକାରଙ୍କ ଦୃଷ୍ଟି ସେମାନଙ୍କ ପ୍ରତି ଆକର୍ଷିତ ହୋଇପାରିବ । ଯେଉଁମାନେ ମାଛଧରା ଡଙ୍ଗି ବିନା ପୂର୍ଣ୍ଣ ସମୟ ମତ୍ସ୍ୟକର୍ମୀ ଭାବେ ପାଣିରେ ବୁଡ଼ି ମାଛ ଧରନ୍ତି । ଶାମୁକା- ଶଙ୍ଖ ସଂଗ୍ରହ କରନ୍ତି । ସମୁଦ୍ର କୂଳରେ ବଡ ବଡ ଜାଲ ଲଗାନ୍ତି ଏବଂ ମାଛଧରା ସମ୍ୱନ୍ଧୀୟ

କାର୍ଯ୍ୟରେ ସମ୍ପୃକ୍ତ ଥାନ୍ତି। ବିଶେଷତଃ ମହିଳା ମାନେ ଯେଉଁ ମାନଙ୍କ ଏଭଳି କାର୍ଯ୍ୟ ଗୁଡିକରେ ପ୍ରମୁଖ ଭୂମିକା ରହିଛି। ଯଦ୍ୱାରା ସେମାନେ ମଧ୍ୟ ମତ୍ସ୍ୟଧରା କାର୍ଯ୍ୟ ସମ୍ବନ୍ଧୀତ ପ୍ରତିନିଧି ଅଧିବେଶନ- ୨୦୦୭ ଅନ୍ତର୍ଗତ ମହତ୍ୱପୂର୍ଣ୍ଣ ନିୟମରୁ ଲାଭ ପାଇପାରିବେ (୧) ବିପଦପୂର୍ଣ୍ଣ କାର୍ଯ୍ୟ ଯେପରିକି ବୁଡି ବୁଡି ମାଛଧରିବା, ତଟବର୍ତୀ ସମୁଦ୍ରରେ ବଡ ବଡ ଜାଲ ବସାଇବ ଅଥବା ତଟବର୍ତୀ ଆଭ୍ୟନ୍ତରୀଣ ଜୁଆରିଆ ଅଂଚଳରୁ ଶଙ୍ଖ ସଂଗ୍ରହ କରିବା। (୨) କାର୍ଯ୍ୟକ୍ଷେତ୍ରରେ ସର୍ତାବଳୀ ଯାହାକି କାର୍ଯ୍ୟକ୍ଷେତ୍ରରେ ଚୁକ୍ତିନାମା, ବିଶ୍ରାମ ସମୟ, ନିୟୋଜନ ଧରା (୩) ପେଶାଗତ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ରକ୍ଷା ଏବଂ (୪) ଚିକିତ୍ସାଗତ ସେବା ଏବଂ ସାମାଜିକ ସୁରକ୍ଷା ନିମନ୍ତେ କେତେକ ପ୍ରାଥମିକ ଆବଶ୍ୟକତା ଭାବେ ସମୁଦ୍ର ତଟ କ୍ଷେତ୍ରରେ ମତ୍ସ୍ୟକର୍ମୀଙ୍କ ପାଇଁ ସେମାନଙ୍କ କାର୍ଯ୍ୟ ଓ ବସବାସ ଆଦି ପରିସ୍ଥିତିରେ ସୁଧାର କରିବା ଆବଶ୍ୟକ।

# ଭବିଷ୍ୟତ ପନ୍ଥା



# ମତ୍ସ୍ୟଧରା କାର୍ଯ୍ୟ ବିଷୟକ ଅଧିବେଶନ-୨୦୦୭କୁ ଲାଗୁ କରିବାକୁ ଏବଂ ଦୃଢୀଭୂତ କରିବାକୁ ନେଇ ସଦସ୍ୟ ରାଷ୍ଟ୍ରମାନେ କ'ଣ କରିବା ଆଶା କରାଯାଏ।

- ଯେଉଁ ସଦସ୍ୟ ରାଷ୍ଟ୍ର ଉକ୍ତ ମତ୍ସ୍ୟଧରା କ୍ଷେତ୍ର କାର୍ଯ୍ୟବିଧି ସଭା- ୨୦୦୭କୁ ଦୃଢ ସହମତ ଦେଇଛନ୍ତି ସେମାନେ ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନକୁ ଜଣାଇବାକୁ ହେବ ଯେ କ'ଣ ପାଇଁ କେତେକ ଶ୍ରେଣୀର ମତ୍ସ୍ୟକର୍ମୀ ଓ ମାଛଧରା ଡଙ୍ଗିକୁ ଗୃହୀତ ସୁପାରିଶ ଗୁଡ଼ିକର ସୁଯୋଗ ପାଇବାରୁ ବାଦ ଦିଆଯାଇଛି ଏବଂ ସେମାନେ ବାଦ୍ ପଡିଥିବା ଶ୍ରେଣୀଙ୍କ ପାଇଁ ସମାନ ସୁରକ୍ଷା ଯୋଗାଇ ଦେବାକୁ କଣ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି। ପୁନଶ୍ଚ ସେମାନେ ସୁରକ୍ଷିତ ଭାବେ ନୌବହନ କରିବା ସମେତ ମତ୍ସ୍ୟକର୍ମୀଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ନିମନ୍ତେ ମତ୍ସ୍ୟଧରା କର୍ମୀ ପାଇଁ ଥିବା ବିଶେଷ ବ୍ୟବସ୍ଥା ସବୁକୁ ସ୍ପଷ୍ଟ କରିବା ଆବଶ୍ୟକ ଏହା ମତ୍ସ୍ୟକର୍ମୀଙ୍କ ଅନ୍ୟ ସବୁ ବିଷୟ ମଧ୍ୟରୁ ସେମାନଙ୍କ ବିକାଶ ସ୍ତରକୁ ବୃଦ୍ଧି କରାଇବା ଆବଶ୍ୟକ।

- ନୌଯାତ୍ରାରେ ଯାଉଥିବା ମତ୍ସ୍ୟକର୍ମୀଙ୍କ ସୁରକ୍ଷା ଏବଂ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବାକୁପର୍ଯ୍ୟାପ୍ତ ସମୟ ଯାଏ ବିଶ୍ରାମର ବ୍ୟବସ୍ଥା କରିବା ମତ୍ସ୍ୟକର୍ମୀଙ୍କ ପାଇଁ ନିୟମିତ ପାରିଶ୍ରମିକ ପାଇବାକୁ ଥିବା ଉପାୟ ଗୁଡିକୁ ମତ୍ସ୍ୟଧରା ନୌକାରେ ପର୍ଯ୍ୟାପ୍ତ ସୁନିଶ୍ଚିତ କରିବା ଆକାର ଏବଂ ଉଚ୍ଚ ମାନର ବସବାସ ବ୍ୟବସ୍ଥା କରିବା।

- ମତ୍ସ୍ୟଧରା ଡଙ୍ଗିରେ ଯାଉଥିବା ମତ୍ସ୍ୟକର୍ମୀଙ୍କ ପାଇଁ ନୌଯାତ୍ରା ବେଳେ ଚିକିତ୍ସା ସେବା ଯେଉଁଥିରେ ସେମାନଙ୍କ ଭିତରୁ ଅନ୍ତତଃ ଜଣେ ମତ୍ସ୍ୟଜୀବି ଜରୁରୀ ଚିକିତ୍ସା ସେବା ଯୋଗାଇ ଦେବାକୁ ତାଲିମ ନେଇ ଯୋଗ୍ୟ ହୋଇଥିବା ଆବଶ୍ୟକ ଅଟେ।

- ସମୁଦ୍ର କୂଳ ସ୍ଥାନରେ ମତ୍ସ୍ୟକର୍ମୀ ମାନଙ୍କ ଚିକିତ୍ସା ସେବା ପାଇବା ଅଧିକାରକୁ ମାନ୍ୟତା ପ୍ରଦାନ।

- ମତ୍ସ୍ୟଧରା ପାଇଁ ନୌଯାତ୍ରା ବୃତିରେ ଥିବା ବେଳେ ପେଶା ଜନିତ ଦୁର୍ଘଟଣା ପେଶାଗତ ରୋଗ ଏବଂ କାର୍ଯ୍ୟ ସମ୍ବନ୍ଧୀତ ବିପଦର ନିରାକରଣ ବ୍ୟବସ୍ଥା ମତ୍ସ୍ୟଧରା ପାଇଁ ନୌଯାତ୍ରାରେ ଥିବା ବେଳେ ପର୍ଯ୍ୟାପ୍ତ ଉତ୍କୃଷ୍ଟମାନ ଓ ପରିମାଣର ଆହାର ଏବଂ ପାନୀୟ ବ୍ୟବସ୍ଥା।

- ମତ୍ସ୍ୟଧରା କାର୍ଯ୍ୟରେ ମତ୍ସ୍ୟକର୍ମୀମାନେ କେଉଁ ପରିସ୍ଥିତି କିପରି ସମ୍ଭାଳିବେ ଏବଂ

ମାଛଧରା କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟରେ ସେମାନଙ୍କ କାର୍ଯ୍ୟ ବିଷୟରେ ଜ୍ଞାନ ଓ ତାଲିମ ପ୍ରଦାନ ବ୍ୟବସ୍ଥା।

– ମତ୍ସ୍ୟଧରା ପାଇଁ ନୌଯାତ୍ରା କରୁଥିବା ସମୟରେ ଦୂର୍ଘଟଣା ଗୁଡିକର ବିବରଣୀ ଜଣାଇବା ଏବଂ ଏ ସବୁର ଯାଂଚ କରିବା ବ୍ୟବସ୍ଥା।

– ମତ୍ସ୍ୟକର୍ମୀ ଏବଂ ସେମାନଙ୍କୁ ନିର୍ଭର କରୁଥିବା ଲୋକଙ୍କ ସାମାଜିକ ସୁରକ୍ଷିତ ଏବଂ ନିରାପତା ପାଇବାର ହକ୍‌ଦାକୁ ସୁନିଶ୍ଚିତ କରିବା।

– ମତ୍ସ୍ୟଧରା କାର୍ଯ୍ୟରେ ନିୟୋଜିତ ଡଙ୍ଗି ଉକ୍ତ କାର୍ଯ୍ୟ ପାଇଁ ଉପଯୁକ୍ତ ବୋଲି ଯୋଗ୍ୟ କର୍ତୃପକ୍ଷଙ୍କ ଦ୍ୱାରା ଜାରୀ କରାଯାଇଥିବା ଦସ୍ତାବିତ୍‌କୁ ରଖିବା ଆବଶ୍ୟକ ଯାହାକି ନୌଯାତ୍ରା ଅନ୍ତର୍ଗତ ସୁପାରିଶ ଅନୁମତେ କାର୍ଯ୍ୟବିଧି ଏବଂ ବସବାସ ବ୍ୟବସ୍ଥା ଅନୁରୂପ ବ୍ୟବସ୍ଥା ପାଳନ ନେଇ ଯାଂଚ କରାଯାଇଛି।

ଯଦ୍ୱାରା ମତ୍ସ୍ୟଧରା କ୍ଷେତ୍ରରେ କାର୍ଯ୍ୟ ସମ୍ବନ୍ଧୀତ ପ୍ରତିନିଧି ସଭା- ୨୦୦୭ର ଆବଶ୍ୟକତା ଦୃଷ୍ଟିରୁ ଏହାକୁ ଅନୁପାଳନ କରାଯିବା କଥା। ଯେଉଁ ଧ୍ୱଜରାଷ୍ଟ୍ର ଏ ସବୁ ବ୍ୟବସ୍ଥାର ନୀରିକ୍ଷଣ, ବିବରଣୀ ପ୍ରଦାନ, ଦୃଷ୍ଟି ପ୍ରଦାନ ଏବଂ ଅଭିଯୋଗ ପ୍ରକ୍ରିୟା ସବୁକୁ ନିଜେ ନିର୍ବାହ କରିବା ସହ ଏ ସବୁ ପରିସ୍ଥିତିର ଆବଶ୍ୟକ ସୁଧାର କରିବାକୁ ବ୍ୟବସ୍ଥା ଗ୍ରହଣ ନିମନ୍ତେ ଆବଶ୍ୟକ ଅନୁଯାୟୀ ଦଣ୍ଡ ଲାଗୁ କରିବା ଉଚିତ। କୌଣସି ବନ୍ଦରକୁ ଆସିଥିବା ମାଛଧରା ଡଙ୍ଗି ଯଦି ସୁପାରିଶ ନିୟମ ଅନୁଯାୟୀ ସେ ସବୁ ଆବଶ୍ୟକତା ଗୁଡିକୁ ପୂରଣ କରିନଥାଏ ତେବେ ଏ ବିଷୟରେ ସମ୍ପୃକ୍ତ ଧ୍ୱଜରାଷ୍ଟ୍ରକୁ ଅବଗତ କରାଇବାକୁ ବନ୍ଦର ଓ ଧ୍ୱଜରାଷ୍ଟ୍ର ମଧ୍ୟରେ ବ୍ୟବସ୍ଥା ରହିଛି। ଯଦି ଡଙ୍ଗିରେ ମତ୍ସ୍ୟକର୍ମୀଙ୍କ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପ୍ରତି ବିପଦପୂର୍ଣ୍ଣ ବୋଲି ମନେ ହେବ ତେବେ ମାଛଧରା ଡଙ୍ଗିରେ ଏପରି ଅବସ୍ଥା ସୁଧାରିବାକୁ ବନ୍ଦରାଂଚଳ ରାଜ୍ୟ ଗୁଡିକ ମଧ୍ୟ ଆବଶ୍ୟକ ପଦକ୍ଷେପ ନେଇପାରିବେ।

## ମତ୍ସ୍ୟଧରା କାର୍ଯ୍ୟ ବିଷୟକ ଅଧିବେଶନ-୨୦୦୭ ଅନ୍ତର୍ଗତ ବ୍ୟବସ୍ଥା ଗୁଡିକ ବିକାଶଶୀଳ ରାଷ୍ଟ୍ର ଗୁଡିକରେ କ୍ରିୟାଶୀଳ କରିବାରେ ସାହାଯ୍ୟ କରିବାକୁ କିଛି ସ୍ୱତନ୍ତ୍ର ଉପାୟ ଅଛି କି ?

– ପ୍ରଗତିଶୀଳ କ୍ରିୟାନ୍ୱୟନ ବିଷୟକ (ପୃଷ୍ଠା ୩୦ ଦେଖନ୍ତୁ) ସୁପାରିଶ ଅନ୍ତର୍ଗତ ଆସୁଥିବା ମତ୍ସ୍ୟଧରା ଡଙ୍ଗା ଏବଂ ଏଥିରେ ନିୟୋଜିତ ମତ୍ସ୍ୟକର୍ମୀକୁ ସଂଗଠିତ କରିବା ପାଇଁ

ବିକାଶଶୀଳ ଦେଶ ଗୁଡ଼ିକୁ ବିଶେଷ କରି ସୁପାରିଶ ଗୁଡ଼ିକର କିଛି ବିଶେଷ ବ୍ୟବସ୍ଥାର କ୍ରିୟାନ୍ୱୟନ ପାଇଁ ଅତିରିକ୍ତ ପ୍ରୋତ୍ସାହନ ଦେଇଥାଏ।


## ମତ୍ସ୍ୟଜୀବି ଓ ନାଗରିକ ସମାଜ ସଂଗଠନ ଗୁଡ଼ିକ ମତ୍ସ୍ୟଧରା କ୍ଷେତ୍ର କାର୍ଯ୍ୟ ବିଷୟକ ଅଧିବେଶନ ୨୦୦୭କୁ କ୍ରିୟାନ୍ୱୟନ ସୁନିଶ୍ଚିତ କରିବାକୁ କ'ଣ କରିପାରିବେ ?

– ରାଷ୍ଟ୍ରୀୟ ସ୍ତରରେ ସୁନିଶ୍ଚିତ କରିବାକୁ ଅଭିଯାନ ଚଳାଇବା ଆବଶ୍ୟକ ଯାହା କି 'ମତ୍ସ୍ୟଧରା କ୍ଷେତ୍ର କାର୍ଯ୍ୟ ସମ୍ବନ୍ଧୀତ ସୁପାରିଶ– ୨୦୦୭'କୁ ଦୃଢ଼ୀକରଣ କରାଯାଉ। ସୁପାରିଶ ଗୁଡ଼ିକୁ କ୍ରିୟାନ୍ୱୟନ କରାଯିବାକୁ ଉପଯୁକ୍ତ ସ୍ତରରେ କାନୁନ୍ ପ୍ରକ୍ରିୟା ବିକାଶ କରାଇବା ଓ ସୁଧାର ପ୍ରକ୍ରିୟା ଲାଗୁ କରିବା ମହତ୍ୱପୂର୍ଣ୍ଣ ଅଟେ। ଏଥିପାଇଁ ଉପଯୁକ୍ତ କର୍ତ୍ତୃପକ୍ଷ, ନିଯୁକ୍ତକାରୀ ଏବଂ ମତ୍ସ୍ୟକର୍ମୀ ସଂଗଠନଙ୍କ ସହଯୋଗ ଆଶା କରିବାକୁ ଅଭିଯାନ ଚଳାଇବା ଗୁରୁତ୍ୱପୂର୍ଣ୍ଣ ଅଟେ। ପରାମର୍ଶ ଓ ଭାଗୀଧାରୀ ଭାବେ ଏହି ଅଭିଯାନ ଜରିଆରେ ମତ୍ସ୍ୟକର୍ମୀ ଏବଂ ମତ୍ସ୍ୟଧରା ଡଙ୍ଗି ଗୁଡ଼ିକ ଭିତରେ ଶ୍ରେଣୀଗତ ପରିଚୟ କ୍ଷେତ୍ରରେ ସାହାଯ୍ୟ ପାଇଁ କାର୍ଯ୍ୟକ୍ରମ ଚଳାଇ ରଖିବା ଆବଶ୍ୟକ ଯଦ୍ୱାରା ଚିହ୍ନିତ କରାଯାଇପାରିବ। ଅଥବା ଅଲଗା କରାଯାଇପାରିବ। ଉଦାହରଣ ସ୍ୱରୂପ ମତ୍ସ୍ୟଧରା କ୍ଷେତ୍ରରେ ନିୟୋଜିତ ସମସ୍ତ ପ୍ରକାର ଡଙ୍ଗି ଗୁଡ଼ିକ ଚିହ୍ନିତ କରାଯିବା ଆବଶ୍ୟକ ସେ ଯେକୌଣସି ଆକାର ହୋଇଥାଉ ନା କାହିଁକି। ଯେଉଁ ମତ୍ସ୍ୟଧରା ଡଙ୍ଗି ମାଛଧରିବାକୁ ବାହାରି ଥରକରେ ସପ୍ତାହେରୁ ଉର୍ଦ୍ଧ୍ୱକାଳ ରହୁଛି ଏବଂ ଯେଉଁଗୁଡ଼ିକ ମହାଦ୍ୱୀପ କୂଳରେ ଅଥବା ୨ ଶହ ବଟିକାଲ ମାଇଲ ବାହାରେ ମାଛଧରା କାର୍ଯ୍ୟ କରୁଛନ୍ତି, ସେ କ୍ଷେତ୍ରରେ ୨୪ ମିଟର ଲମ୍ବରୁ କମ୍ ବିଶିଷ୍ଟ ମାଛଧରା ଡଙ୍ଗି ଏବଂ ଏଥିରେ କାମ କରୁଥିବା ମତ୍ସ୍ୟକର୍ମୀଙ୍କୁ ସୁପାରିଶ ନିୟମ ଭିତରେ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ। ଏ ସବୁ ବ୍ୟତୀତ ମତ୍ସ୍ୟଧରା ନୌଯାତ୍ରା କରିବାର ସମୟ ଅବଧି, ମାଛଧରା କାର୍ଯ୍ୟ କରୁଥିବା ଅଂଚଳ ଏବଂ ମାଛଧରା କାର୍ଯ୍ୟପ୍ରଣାଳୀ ଉପରେ ନିର୍ଭର କରିଥାଏ। ଏହା ବାଦ୍ ଯେଉଁ ମତ୍ସ୍ୟକର୍ମୀ ଏବଂ ମତ୍ସ୍ୟଧରା ଡଙ୍ଗି ଗୁଡ଼ିକୁ ସୁପାରିଶ ଅନ୍ତର୍ଗତ କିଛି ନିୟମରୁ ବାଦ୍ ଦେବା ଉଚିତ ଏବଂ ଯାହାକୁ ନିନ୍ଦା କରାଯିବା ଉଚିତ ସେ ସବୁକୁ ଚିହ୍ନିତ କରାଯିବା ଉଚିତ। ସୁପାରିଶର ଏ ସବୁ ବ୍ୟବସ୍ଥାକୁ ଚିହ୍ନଟ କରାଯିବା ଜରୁରୀ ଅଟେ ଯାହାକି ସମସ୍ତ ମତ୍ସ୍ୟକର୍ମୀଙ୍କ ପାଇଁ ଲାଗୁ କରାଯିବା ଆବଶ୍ୟକ। ଏହିପରି ଉଦାହରଣ ଭାବେ

ନ୍ୟୁନତମ ବୟସ ସୀମା ଜରୁରୀ, ନିୟମିତ ପାରିଶ୍ରମିକ ପ୍ରଦାନ ଏବଂ ସାମାଜିକ ସୁରକ୍ଷା ପ୍ରଭୃତି ବିଷୟକୁ ଦେଖାଯାଇପାରେ ଯାହାକି ସବୁ ମତ୍ସ୍ୟକର୍ମୀଙ୍କ ପାଇଁ ଲାଗୁ କରାଯାଇପାରେ।

କେତେକ ବିକାଶଶୀଳ ଦେଶ ଖରାପ ମୌଳିକ ଢାଂଚା ଏବଂ ଦୁର୍ବଳ ସଂସ୍ଥାନ ଦ୍ୱାରା ଆଚ୍ଛନ୍ନ ଅଛନ୍ତି। ସରକାରୀ କାର୍ଯ୍ୟନିର୍ବାହ କ୍ଷମତାକୁ ଉନ୍ନତ କରିବାକୁ ମତ୍ସ୍ୟ ବିଭାଗୀୟ, ସମୁଦ୍ରୀୟ ତଥା ମତ୍ସ୍ୟଧରା ପୋତର ସୁରକ୍ଷା ସଂସ୍ଥା ଏବଂ ଶ୍ରମ ପ୍ରଶାସନକୁ ମୁଖ୍ୟତଃ ପୁନର୍ବିନ୍ୟାସ ତଥା ସକ୍ଷମ କରାଯିବା ଆବଶ୍ୟକ ହେବ। କେବଳ ଏହାକୁ ବଦଳାଇ ଦେଲେ ଏଥିରେ ବିକାଶଶୀଳ ଦେଶ ଗୁଡିକୁ ମତ୍ସ୍ୟଧରା କ୍ଷେତ୍ରରେ କାର୍ଯ୍ୟ ସମ୍ବନ୍ଧୀତ ସୁପାରିଶ ୨୦୦୭ ନିୟମକୁ କ୍ରିୟାନ୍ୱିତ କରିବା ପାଇଁ କାନୁନ୍ କରିବାକୁ ସାହାଯ୍ୟ ହୋଇପାରିବ। ୨୪ ମିଟରରୁ ଛୋଟ ମାଛଧରା ଡଙ୍ଗି ଗୁଡିକ ଏବଂ ଏଥିରେ ନିୟୋଜିତ ମତ୍ସ୍ୟକର୍ମୀଙ୍କୁ ଶ୍ରମିକ ଦୃଷ୍ଟିରେ ଦେଖାଯାଇ ସେମାନଙ୍କୁ ସକ୍ଷମ କରାଯାଇପାରିବ ଯାହାକି ଅଧିକାଂଶ ବିକାଶଶୀଳ ଦେଶଗୁଡିକରେ କରାଯାଇଛି।

# ଶେଷକଥା





# କେତେକ ସମାପନ ଟିପ୍ପଣୀ

– ମତ୍ସ୍ୟଧରା କ୍ଷେତ୍ର କାର୍ଯ୍ୟ ସମ୍ବନ୍ଧୀତ ସୁପାରିଶ- ୨୦୦୭ ମୁଖ୍ୟତଃ ମାଛଧରା କ୍ଷେତ୍ରରେ ମତ୍ସ୍ୟକର୍ମୀଙ୍କୁ ନିୟୋଜନ, ମାଛଧରା ଡଙ୍ଗି ବା ପୋତରେ ନିୟୋଜିତ ଲୋକଙ୍କ ରହଣୀ ଚଳଣୀ ବ୍ୟବସ୍ଥା ଏବଂ ସେମାନଙ୍କ କାର୍ଯ୍ୟକ୍ଷେତ୍ରରେ ଥିବା ପରିସ୍ଥିତି ଗୁଡିକର ସୁଧାର ଆଣିବା ସହ ସାମାଜିକ ସୁରକ୍ଷା ପ୍ରଦାନ ନଇ ଶ୍ରମ ମାନଙ୍କ ବିଷୟକୁ ପ୍ରମୁଖ ଗୁରୁତ୍ୱ ପ୍ରଦାନ କରାଯାଇଛି।

ଏ ସବୁ ମତ୍ସ୍ୟକର୍ମୀଙ୍କୁ ଅମାନବୀୟ କାର୍ଯ୍ୟ ପରିସ୍ଥିତିରୁ ସୁରକ୍ଷା ଦେଇଥାଏ ଏବଂ ଏହାଦ୍ୱାରା ଦୁନିଆଁ ସାରା ଛୋଟ ବଡ ଯେତେ ସବୁ ମାଛଧରା କାର୍ଯ୍ୟରେ ନିୟୋଜିତ ମତ୍ସ୍ୟକର୍ମୀଙ୍କ କାର୍ଯ୍ୟଶୈଳୀ ଏବଂ ରହଣୀ ଚଳଣୀ ପରିସ୍ଥିତିରେ ସୁଧାର ଆଣିବାରେ ସାହାଯ୍ୟ କରିବା ଉଚିତ।

ଗତ ୨୦୦୪ ମସିହାରେ ଅନୁଷ୍ଠିତ ମତ୍ସ୍ୟକର୍ମୀ ସମିତିକୁ ସମ୍ବୋଧିତ କରି ଅନ୍ତରାଷ୍ଟ୍ରୀୟ ଶ୍ରମ ସଭାର ମହାସଚୀବ କହିଥିଲେ "ଏହା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଅଟେ ଯେପରିକି କୌଣସି ମତ୍ସ୍ୟକର୍ମୀ ଅଜାଣତରେ ହେଲେ ମଧ୍ୟ ଯେପରି ସୁପାରିଶ ବ୍ୟବସ୍ଥାର ସୁରକ୍ଷା ଜାଲରୁ ବାଦ୍ ପଡି ନ ଯାଏ"। ଏହାକୁ ହ୍ରାସ କରିବାକୁ ଏହି ଜାଲ ଗୁଡିକ ପୁରାପୁରି ଠିକ୍ ହେବା ଦରକାର ଏବଂ ଜାଲର ଫାଙ୍କା ଏତେ ବଡ ନ ହେଉ ଯଦ୍ୱାରା ସବୁ ମତ୍ସ୍ୟକର୍ମୀ ବାଦ୍ ରହିଯିବେ କିମ୍ବା ଏତେ ଛୋଟ ମଧ୍ୟ ନ ହେଉ ଯାହାକି ଏ ସବୁକୁ ଗ୍ରହଣ କରିବା ଏବଂ କ୍ରିୟାନ୍ୱୟନ କରିବା ବାଧାପ୍ରାପ୍ତ ହେବ।

ମତ୍ସ୍ୟଧରାକ୍ଷେତ୍ର କାର୍ଯ୍ୟ ସମ୍ବନ୍ଧୀତ ସୁପାରିଶ- ୨୦୦୭କୁ ସାରା ବିଶ୍ୱରେ କ୍ରିୟାନ୍ୱିତ କରିବାକୁ ସରକାର, ମତ୍ସ୍ୟକର୍ମୀ ଏବଂ ନିଯୁକ୍ତିକାରୀଙ୍କ ମିଳିତ ଭାବେ ଏବଂ ବେସରକାରୀ ସଂଗଠନ ଗୁଡିକ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ।

ଇଂଟରନ୍ୟାସନାଲ କଲେକ୍ଟିଭଇଜ ସପୋର୍ଟ ଅଫ ଫିସ୍‌ୱାର୍କସ
(ଆଇସିଏସ୍ଏଫ୍) ଦ୍ୱାରା ପ୍ରସ୍ତୁତ କରାଯାଇଛି।

www. icsf.net
icsf@icsf.net

## ମତ୍ସ୍ୟଧରା କ୍ଷେତ୍ରର କାର୍ଯ୍ୟ ବିଷୟକ ଅଧିବେଶନ, ୨୦୦୭ କ'ଣ ?

ଏହି ସହାୟକ ପୁସ୍ତିକାଟି ମାଧ୍ୟମରେ ମତ୍ସ୍ୟକ୍ଷେତ୍ରର କାର୍ଯ୍ୟ ବିଷୟକ ଅଧିବେଶନ, ୨୦୦୭ର କାର୍ଯ୍ୟ ବିଷୟରେ ତ୍ୱରିତ ଦୃଷ୍ଟି ପକାଇ ନେବା ନିମନ୍ତେ ପ୍ରୟାସ କରାଯାଇଛି। ସୁଇଜରଲାଣ୍ଡର ଜେନେଭା ଠାରେ ଜୁନ୍- ୨୦୦୭ରେ ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ ପକ୍ଷରୁ ଏହି ୯୬ତମ ଅନ୍ତରାଷ୍ଟ୍ରୀୟ ଶ୍ରମ ସମ୍ମିଳନୀରେ ଗୃହୀତ ହୋଇଥିଲା। ଏଥିରେ ଯାହା ଗୃହୀତ ହୋଇଥିଲା ସେ ସବୁକୁ କୌଣସି ଭାବେ ଭୁଲ୍‌ଭାଲ ଅଥବା କୌଣସି ଭିନ୍ନ ଭାବେ ଉପସ୍ଥାପିତ କରାଯିବା ଉଦ୍ଦେଶ୍ୟ ନୁହେଁ। କେବଳ ଏହି ଗୃହୀତ ବିଷୟ ବସ୍ତୁକୁ ଜାଣିନଥିବା ବ୍ୟକ୍ତିଙ୍କ ପାଇଁ ଏ ସମ୍ପର୍କରେ ଜଣାଇବା ସହ ଅନ୍ତରାଷ୍ଟ୍ରୀୟ ଶ୍ରମ ସଂଗଠନ ଓ ଅନ୍ତରାଷ୍ଟ୍ରୀୟ ଶ୍ରମ ସମ୍ମିଳନୀ ଦ୍ୱାରା ବର୍ତ୍ତମାନର ସମସ୍ୟା ଗୁଡିକ ନେଇ କିଭଳି କାର୍ଯ୍ୟ କରୁଅଛି ତାହା ଅବଗତ କରାଇବା ହିଁ ଏହି ପୁସ୍ତିକାଟିର ଉଦ୍ଦେଶ୍ୟ। ତେବେ ନିର୍ଦ୍ଦିଷ୍ଟ ଭାବେ ଆଶା କରାଯାଏ କି ଏହି ପୁସ୍ତିକାଟି ଦ୍ୱାରା ମତ୍ସ୍ୟକର୍ମୀ ଏବଂ ମତ୍ସ୍ୟ ଧରା ସଂଗଠନ ଗୁଡିକ କିଛି ସୁବିଧା ହାସଲ କରିବାର ସମ୍ଭାବନା ସୃଷ୍ଟି କରିବା ସହ ଅଧିବେଶନରେ ସ୍ଥିରିକୃତ ବିଷୟକୁ ଉଦ୍ୟୋଗର ବୃତିରତ ମତ୍ସ୍ୟକର୍ମୀ ଏବଂ କ୍ଷୁଦ୍ର ମତ୍ସ୍ୟ ସଂସ୍ଥା ଗୁଡିକ ପାଇଁ କାର୍ଯ୍ୟକାରୀ କରାଇ ରାଷ୍ଟ୍ରର ବିକାଶ ସାଧନ କରାଇବା ହେବେ।

ଏହି ସହାୟକ ପୁସ୍ତିକାଟି www. icsf.net ୱେବ ସାଇଟରେ ଉପଲବ୍ଧ।

ISBN 978-93-80802-15-2

www. icsf.net